4

ଏକକ : ୪

ବ୍ୟାକରଣ ବିଭାଗ

ଦୀର୍ଘ ଉତ୍ତରମୂଳକ ପ୍ରଶ୍ନୋତ୍ତର

୧. ଧ୍ୱନି ଓ ଲିପି, ମାତ୍ରା, ଫଳା

୧ । ଧ୍ୱନି ଓ ଲିପି ମଧ୍ୟରେ ପ୍ରଭେଦ କଅଣ ? ଉଦାହରଣ ସହିତ ବୁଝାଅ ।

ଉ : ଭାଷାର ସର୍ବନିମ୍ନ ଏକକ ହେଉଛି ଧ୍ୱନି । ଏହି ଧ୍ୱନି ପଦ୍ଧତିବଦ୍ଧ ଭାବରେ ମଣିଷ ମୁଖରୁ ପ୍ରକାଶିତ ହୋଇଥାନ୍ତି । ଧ୍ୱନିର ସାଙ୍କେତିକ ରୂପକୁ ଲିପି କହନ୍ତି ।

ପ୍ରକୃତି ରାଜ୍ୟରେ ଅନବରତ ଧ୍ୱନି ସୃଷ୍ଟି ହୁଏ । ଝରଣା ଝରିଲେ, ପବନ ବହିଲେ, ପତ୍ରରେ ପତ୍ର କି ଡାଳରେ ଡାଳ ଘଷି ହେଲେ, କୌଣସି ଗୋଟିଏ କଠିନ ପଦାର୍ଥରେ ଆଉ ଗୋଟିଏ କଠିନ ପଦାର୍ଥ ବାଜିଲେ 'ଧ୍ୱନି' ସୃଷ୍ଟି ହୁଏ । ପୁଣି ପ୍ରତ୍ୟେକ ଜୀବ ନିଜ ନିଜର ମନର ଭାବକୁ ପ୍ରକାଶ କରିବା ନିମିତ୍ତ ବିଭିନ୍ନ ପ୍ରକାର ଅଙ୍ଗଭଙ୍ଗୀ ଏବଂ ଧ୍ୱନିର ପ୍ରୟୋଗ କରିଥାନ୍ତି ।

ଭାଷା ପ୍ରକାଶିତ ହେବା ପାଇଁ ଦୁଇଟି ରୂପ ଗ୍ରହଣ କରିଥାଏ । ଗୋଟିଏ ହେଉଛି ତା'ର କଥିତ ରୂପ ଓ ଅନ୍ୟଟି ହେଉଛି ଲିଖିତ ରୂପ । ଯେତେବେଳେ ଧ୍ୱନିଟିଏ ଲିଖିତ ରୂପ ଧାରଣ କରେ ସେତେବେଳେ ତାକୁ କୁହାଯାଏ 'ଲିପି' । ପ୍ରତ୍ୟେକ ସାର୍ଥକ ଧ୍ୱନିକୁ ଚିହ୍ନିତ କରିବା ପାଇଁ ଗୋଟିଏ ଗୋଟିଏ ଲିପିର ବ୍ୟବହାର କରାଯାଇଥାଏ ।

ଧ୍ୱନି ଉଚ୍ଚାରିତ ରୂପ, ଲିପି ଧ୍ୱନିର ଲିଖିତ ରୂପ ।

ଯଥା : ଅ, ଆ, କ, ଖ ପ୍ରଭୃତି କହିବା ବେଳେ ଧ୍ୱନି ସୃଷ୍ଟି ହୁଏ । ଆମେ ସେହି ଧ୍ୱନିକୁ ଅ, ଆ, କ, ଖ ଇତ୍ୟାଦି ରୂପରେ ଲେଖି ରହୁ । ସେତେବେଳେ ସେଗୁଡ଼ିକ ହୋଇଯାଏ ଲିପି ।

୨ । ସ୍ୱରବର୍ଣ୍ଣ ଓ ବ୍ୟଞ୍ଜନବର୍ଣ୍ଣ କାହାକୁ କହନ୍ତି ? ଉଦାହରଣ ସହ ବୁଝାଅ ।

ଉ : • **ସ୍ୱରବର୍ଣ୍ଣ** – ଯେଉଁ ଧ୍ୱନିଗୁଡ଼ିକ ଅନ୍ୟର ସାହାଯ୍ୟ ନ ନେଇ ଆପେ ଆପେ ଉଚ୍ଚାରିତ ହୁଅନ୍ତି, ସେଗୁଡ଼ିକୁ ସ୍ୱରବର୍ଣ୍ଣ କହନ୍ତି । ସ୍ୱରବର୍ଣ୍ଣ ୧୧ଟି = ଅ, ଆ, ଇ, ଈ, ଉ, ଊ, ଋ, ଏ, ଐ, ଓ, ଔ ।

ସ୍ୱରବର୍ଣ୍ଣ ଦୁଇ ଭାଗରେ ବିଭକ୍ତ । (୧) ଶୁଦ୍ଧ ସ୍ୱର (୨) ସଂଯୁକ୍ତ ସ୍ୱର

- ଶୁଦ୍ଧସ୍ୱର – ଯେଉଁ ସ୍ୱରଧ୍ୱନି ଉଚ୍ଚାରଣବେଳେ ଜିହ୍ୱା ଓ ଓଠରେ ପରିବର୍ତ୍ତନ ହୁଏନାହିଁ, ତାହା ଶୁଦ୍ଧ ସ୍ୱର ।
  ଉଦାହରଣ - ଅ, ଆ, ଇ, ଈ, ଉ, ଊ, ଏ, ଐ
- ସଂଯୁକ୍ତ ସ୍ୱର – ଯେଉଁ ସ୍ୱରଧ୍ୱନି ଉଚ୍ଚାରଣ ବେଳେ ଜିହ୍ୱା ଓ ଓଠରେ ପରିବର୍ତ୍ତନ ହୋଇଥାଏ, ତାହାକୁ ସଂଯୁକ୍ତ ସ୍ୱର କହନ୍ତି ।
  ଯଥା: – ଐ (ଅ + ଇ) ଔ = (ଅ + ଉ)
- ସ୍ୱର ଧ୍ୱନି ନିଜେ ଉଚ୍ଚାରିତ ହୁଏ ଏବଂ ବ୍ୟଞ୍ଜନବର୍ଣ୍ଣକୁ ଉଚ୍ଚାରିତ ହେବାରେ ସାହାଯ୍ୟ କରେ ।

ବ୍ୟଞ୍ଜନବର୍ଣ୍ଣ – ଯେଉଁ ଧ୍ୱନିସ୍ୱର ବର୍ଣ୍ଣର ସାହାଯ୍ୟ ବ୍ୟତୀତ ଉଚ୍ଚାରିତ ହୋଇ ପାରନ୍ତି ନାହିଁ । ସେଗୁଡ଼ିକ ବ୍ୟଞ୍ଜନ ବର୍ଣ୍ଣ ।
ଉଦାହରଣ - କ, ଖ, ଗ, ଘ .... କ୍ଷ

Scanned with CamScanner

୩ । **ବ୍ୟଞ୍ଜନବର୍ଣ୍ଣଗୁଡ଼ିକୁ କିପରି ବିଭାଗୀକରଣ କରାଯାଇଛି ସଂକ୍ଷେପରେ ଆଲୋଚନା କର ।**

ଉ : ଯେଉଁ ଧ୍ୱନିଗୁଡ଼ିକ ସ୍ୱରବର୍ଣ୍ଣର ସାହାଯ୍ୟ ବିନା ଉଚ୍ଚାରିତ ହୋଇପାରନ୍ତି ନାହିଁ , ସେଗୁଡ଼ିକ ବ୍ୟଞ୍ଜନ ଧ୍ୱନି । ବ୍ୟଞ୍ଜନ ଧ୍ୱନିର ସାଙ୍କେତିକ ରୂପ ବ୍ୟଞ୍ଜନ ବର୍ଣ୍ଣ ।

ଉଦାହରଣ – (କ୍ + ଅ) = କ

ବ୍ୟଞ୍ଜନ ବର୍ଣ୍ଣଗୁଡ଼ିକୁ ମୁଖ୍ୟତଃ ୨ ଭାଗରେ ବିଭକ୍ତ କରାଯାଏ ।

(୧) ବର୍ଗ୍ୟ ବ୍ୟଞ୍ଜନ (୨) ଅବର୍ଗ୍ୟ ବ୍ୟଞ୍ଜନ

ବର୍ଗ୍ୟ ବ୍ୟଞ୍ଜନ – 'କ' ଠାରୁ 'ମ' ପର୍ଯ୍ୟନ୍ତ ୨୫ଟି ବ୍ୟଞ୍ଜନ ବର୍ଣ୍ଣକୁ ବର୍ଗ୍ୟ ବ୍ୟଞ୍ଜନ କୁହାଯାଏ । ଏଗୁଡ଼ିକ ଉଚ୍ଚାରଣ କଲାବେଳେ କଣ୍ଠ, ତାଳୁ, ମୂର୍ଦ୍ଧା, ଦନ୍ତ ଓ ଓଷ୍ଠକୁ ସ୍ପର୍ଶ କରିଥାଏ । (ଏଗୁଡ଼ିକୁ ମଧ୍ୟ ସ୍ପର୍ଶ୍ୟ ବ୍ୟଞ୍ଜନ କୁହାଯାଏ ।)

ଉଚ୍ଚାରଣର ସ୍ଥାନ ଅନୁସାରେ ଏଗୁଡ଼ିକୁ ପାଞ୍ଚଭାଗରେ ବିଭକ୍ତ କରାଯାଏ ।

(୧) 'କ' ବର୍ଗ – କ, ଖ, ଗ, ଘ, ଙ – କଣ୍ଠ୍ୟ ବର୍ଣ୍ଣ (ଉଚ୍ଚାରଣ ସ୍ଥାନ କଣ୍ଠରୁ)
(୨) 'ଚ' ବର୍ଗ – ଚ, ଛ, ଜ, ଝ, ଞ – ତାଳବ୍ୟ ବର୍ଣ୍ଣ (ଉଚ୍ଚାରଣ ସ୍ଥାନ ତାଳୁରୁ)
(୩) 'ଟ' ବର୍ଗ – ଟ, ଠ, ଡ, ଢ, ଣ – ମୂର୍ଦ୍ଧଣ୍ୟ ବର୍ଣ୍ଣ (ଉଚ୍ଚାରଣ ସ୍ଥାନ ମୂର୍ଦ୍ଧିରୁ)
(୪) 'ତ' ବର୍ଗ – ତ, ଥ, ଦ, ଧ, ନ – ଦନ୍ତ୍ୟ ବର୍ଣ୍ଣ (ଉଚ୍ଚାରଣ ସ୍ଥାନ ଦନ୍ତରୁ)
(୫) 'ପ' ବର୍ଗ – ପ, ଫ, ବ, ଭ, ମ – ଓଷ୍ଠ୍ୟ ବର୍ଣ୍ଣ (ଉଚ୍ଚାରଣ ସ୍ଥାନ ଓଷ୍ଠରୁ)

ଅବର୍ଗ୍ୟ ବ୍ୟଞ୍ଜନ – ୨୫ଟି ବର୍ଗ୍ୟ ବ୍ୟଞ୍ଜନକୁ ବାଦ ଦେଲେ ଆଉ ଅନ୍ୟ ବର୍ଣ୍ଣଗୁଡ଼ିକ ଅବର୍ଗ୍ୟ ।

ଅବର୍ଗ୍ୟ ବ୍ୟଞ୍ଜନ ବର୍ଣ୍ଣ ୩ ଭାଗରେ ବିଭକ୍ତ ।

(୧) ଅନ୍ତଃସ୍ଥ ବର୍ଣ୍ଣ – ଯ, ର, ଳ, ୱ, ୟ, ଲ
(୨) ଉଷ୍ମ ବର୍ଣ୍ଣ – ଶ, ଷ, ସ, ହ, କ୍ଷ
(୩) ଅଯୋଗବାହ ବର୍ଣ୍ଣ – ଅନୁସ୍ୱାର (ଂ), ବିସର୍ଗ (ଃ), ଚନ୍ଦ୍ରବିନ୍ଦୁ (ଁ)

୪ । **ମାତ୍ରା ଓ ଫଳା ମଧ୍ୟରେ ପାର୍ଥକ୍ୟ କ'ଣ ? ଉଦାହରଣ ସହ ଏହାର ପ୍ରୟୋଗଧାରା ବୁଝାଅ ।**

ଉ : ସ୍ୱରବର୍ଣ୍ଣଗୁଡ଼ିକ (ଅ ବ୍ୟତୀତ) ବ୍ୟଞ୍ଜନ ବର୍ଣ୍ଣ ସହିତ ମିଳିତ ହେବାବେଳେ କେତେକ ସାଙ୍କେତିକ ରୂପ ଧାରଣ କରନ୍ତି । ସ୍ୱରବର୍ଣ୍ଣର ଏହି ସାଙ୍କେତିକ ରୂପକୁ ମାତ୍ରା କହନ୍ତି । ମାତ୍ରାକୁ 'କାର' ବୋଲି ମଧ୍ୟ କୁହାଯାଏ ।

ସ୍ୱରବର୍ଣ୍ଣ (୧)	ମାତ୍ରାରୂପ (୨)	ମାତ୍ରା ବା କାର (୩)	ବ୍ୟବହାର ସ୍ଥାନ (୪)	ଉଦାହରଣ (୫)
ଆ	/ ା /	ଆ' କାର	ଡାହାଣ ପାର୍ଶ୍ୱ	କା
ଇ	/ ି /	ଇ' କାର	ଉପର/ତଳ	କି, ଖି/ଖି
ଈ	/ ୀ /	ଈ' କାର	ଡାହାଣ ପାର୍ଶ୍ୱ	କୀ
ଉ	/ ୁ /	ଉ'କାର	ତଳ	କୁ
ଊ	/ ୂ /	ଊ'କାର	ତଳ	କୂ
ଋ	/ ୃ /	ଋ'କାର	ତଳ	କୃ
ଏ	/ େ /	ଏ'କାର	ବାମପାର୍ଶ୍ୱ	କେ
ଐ	/ ୈ /	ଐ'କାର	ବାମ ଓ ଉପର	କୈ
ଓ	/ ୋ /	ଓ'କାର	ବାମ ଓ ଡାହାଣ ପାର୍ଶ୍ୱ	କୋ
ଔ	/ ୌ /	ଔ'କାର	ବାମ, ଡାହାଣ ପାର୍ଶ୍ୱ ଏବଂ ଉପର	କୌ

ଫଳା - ବ୍ୟଞ୍ଜନ ବର୍ଣ୍ଣର ସାଙ୍କେତିକ ରୂପକୁ ଫଳା କୁହାଯାଏ ।

Scanned with CamScanner

ବ୍ୟଞ୍ଜନବର୍ଣ୍ଣ (୧)	ସାଙ୍କେତିକ ରୂପ (୨)	ଫଳା (୩)	ବ୍ୟବହାର ସ୍ଥାନ (୪)	ଉଦାହରଣ (୫)
କ	/ ୍କ /	କ-ଫଳା	ତଳ	ଷ୍କ (ଶୁଷ୍କ)
ଜ	/ ୍ଜ /	ଜ-ଫଳା	ତଳ	ଜ୍ଜ (କଜ୍ଜଳ)
ଡ	/ ୍ଡ /	ଡ-ଫଳା	ତଳ	ଣ୍ଡ (ଦଣ୍ଡ)
ଢ	/ ୍ଢ /	ଢ-ଫଳା	ତଳ	ଣ୍ଢ (ଷଣ୍ଢ)
ଣ	/ ୍ଣ /	ଣ-ଫଳା	ତଳ	ର୍ଣ୍ଣ (ଅର୍ଣ୍ଣବ)
ତ (ପୂର୍ବ ବର୍ଣ୍ଣ)	/ ତ୍ /	ତ-ଫଳା	ତଳ	ତ୍ପ (ଉତ୍ପାତ)
ତ (ପର ବର୍ଣ୍ଣ)	/ ୍ତ /	ତ-ଫଳା	ତଳ	କ୍ତ (ଉକ୍ତ)
ଥ	/ ୍ଥ /	ଥ-ଫଳା	ତଳ	ସ୍ଥ (ପ୍ରସ୍ଥ)
ବ	/ ୍ବ /	ବ-ଫଳା	ତଳ	ମ୍ବ (ଆମ୍ବ)
ୱ	/ ୍ୱ /	ୱ-ଫଳା	ତଳ	କ୍ୱ (ପକ୍ୱ)
ଭ	/ /	ଭ-ଫଳା	ତଳ	ମ୍ଭ (ରମ୍ଭା)
ମ	/ ୍ମ /	ମ-ଫଳା	ତଳ	କ୍ମ (ରୁକ୍ମିଣୀ)
ନ	/ ୍ନ /	ନ-ଫଳା	ତଳ	ଘ୍ନ (ଶତ୍ରୁଘ୍ନ)
ଯ	/ ୍ୟ /	ଯ-ଫଳା	ଡାହାଣପାଖ	କ୍ୟ (ବାକ୍ୟ)
ର(ପରବର୍ଣ୍ଣ)	/ ୍ର /	ର-ଫଳା	ତଳ	କ୍ର (କ୍ରମ)
ର(ପୂର୍ବ ବର୍ଣ୍ଣ)	/ ର୍ /	ରେଫ	ଉପର	ର୍କ (ତର୍କ)
ଳ	/ ୍ଳ /	ଳ-ଫଳା	ତଳ	କ୍ଳ (ଶୁକ୍ଳ)
ଲ	/ ୍ଲ /	ଲ-ଫଳା	ତଳ	ହ୍ଲ (ଆହ୍ଲାଦ)

୫ । ଯୁକ୍ତ ବ୍ୟଞ୍ଜନ କ'ଣ ? ଏଗୁଡ଼ିକ କିପରି ଗଠିତ ହୋଇଥାଏ ସଂକ୍ଷେପରେ ଲେଖ ।

ଉ : ଗୋଟିଏ ବ୍ୟଞ୍ଜନ ବର୍ଣ୍ଣ ସହିତ ଗୋଟିଏ ସ୍ୱରବର୍ଣ୍ଣ ମିଶିକରି ଥାଏ । ସ୍ୱରବର୍ଣ୍ଣ ନ ମିଶିବା ପର୍ଯ୍ୟନ୍ତ ତାହା ବ୍ୟଞ୍ଜନ ବର୍ଣ୍ଣ ହୋଇଥାଏ । ସ୍ୱରବର୍ଣ୍ଣ ବ୍ୟତୀତ ବ୍ୟଞ୍ଜନ ବର୍ଣ୍ଣ ଉଚ୍ଚାରିତ ହୋଇପାରେ ନାହିଁ । ବ୍ୟଞ୍ଜନ ବର୍ଣ୍ଣ ହଳନ୍ତ ଯୁକ୍ତ ।

ଉଦାହରଣ - କ୍, ଖ୍, ଗ୍ ଇତ୍ୟାଦି ଏଗୁଡ଼ିକ ବ୍ୟଞ୍ଜନ ବର୍ଣ୍ଣ । ଏଗୁଡ଼ିକ ସହିତ ସ୍ୱରବର୍ଣ୍ଣ ମିଶିଲେ ଏହା ଉଚ୍ଚାରିତ ହୁଏ । କ୍ + ଅ = କ, କ୍ + ଆ = କା, କ + ଇ = କି ଇତ୍ୟାଦି । କୌଣସି ଶବ୍ଦର ଶେଷରେ ହଳନ୍ତଯୁକ୍ତ ବ୍ୟଞ୍ଜନ ବର୍ଣ୍ଣ ଥିଲେ, ତାହା ପୂର୍ବ ବର୍ଣ୍ଣର ସ୍ୱରକୁ ଆଶ୍ରୟ କରି ଉଚ୍ଚାରିତ ହୁଏ । ସେହି ସ୍ୱରଟି ବ୍ୟଞ୍ଜନର ଆଶ୍ରୟୀ ସ୍ୱର । ହଠାତ୍ = ଏଠାରେ 'ତ୍' 'ଠ୍' ସହିତ ଥିବା 'ଆ' ସ୍ୱରକୁ ଆଶ୍ରୟ କରି ଉଚ୍ଚାରିତ । ସୁତରାଂ 'ଆ' ତ୍‌ର ଆଶ୍ରୟୀ ସ୍ୱର, ଅବାକ୍, ଚାଲାକ୍, ଠିକ୍, ଠୋସ୍ ଇତ୍ୟାଦି ।

ଗୋଟିଏ ବ୍ୟଞ୍ଜନ ବର୍ଣ୍ଣ ସହିତ ଆଉ ଏକ ବା ଏକାଧିକ ବ୍ୟଞ୍ଜନ ବର୍ଣ୍ଣ ମିଶି ଯେଉଁ ବ୍ୟଞ୍ଜନ ବର୍ଣ୍ଣ ହୁଏ ତାକୁ ଯୁକ୍ତ ବ୍ୟଞ୍ଜନ କହନ୍ତି । ଗୋଟିଏ ବର୍ଣ୍ଣ ସାଧାରଣତଃ ଆଦ୍ୟବର୍ଣ୍ଣଟି ପୂର୍ଣ୍ଣ ରୂପରେ ଏବଂ ଅନ୍ୟ ବ୍ୟଞ୍ଜନଗୁଡ଼ିକର ସାଙ୍କେତିକ ଚିହ୍ନ ଫଳା ହୋଇ ଯୁକ୍ତ ହୁଏ । ମିଶୁଥିବା ବ୍ୟଞ୍ଜନ ବର୍ଣ୍ଣଗୁଡ଼ିକ କେତେବେଳେ ଫଳା ଆକାରରେ, କେତେବେଳେ ଛୋଟ ଅକ୍ଷର ଆକାରରେ, କେତେବେଳେ ପ୍ରଥମ ବର୍ଣ୍ଣ ହଳନ୍ତଯୁକ୍ତ ହୋଇ ପରବର୍ଣ୍ଣ ପୂର୍ଣ୍ଣରୂପରେ, କିମ୍ବା କେତେବେଳେ ବର୍ଣ୍ଣଗୁଡ଼ିକ ମିଶି ଏକ ସ୍ୱତନ୍ତ୍ର ଯୁକ୍ତ ବର୍ଣ୍ଣ ଆକାର ଧାରଣ କରିଥାଏ ।

ଫଳା ଆକାରରେ = କ୍ + ଯ = କ୍ୟ, କ୍ + ୱ = କ୍ୱ ।

ଛୋଟ ଅକ୍ଷର ଆକାରରେ = ଶ୍ + ଚ = ଶ୍ଚ, ଷ୍ + ଟ = ଷ୍ଟ, ସ୍ + ପ = ସ୍ପ

Scanned with CamScanner

ପ୍ରଥମ ବର୍ଣ୍ଣ ହଳନ୍ତଯୁକ୍ତ ହୋଇ = ଷ୍ + ଫ = ଷ୍ଫ (ନିଷ୍ଫଳ) ତ୍ + କ = ତ୍କ, (ଚମତ୍କାର)

ସ୍ୱତନ୍ତ୍ର ଯୁକ୍ତ ବ୍ୟଞ୍ଜନ ଆକାରରେ = ତ୍ + ତ = ତ୍ତ (ଉତ୍ତର), ଚ୍ + ଚ = ଚ୍ଚ (ଚର୍ଚ୍ଚା)

ନିରନୁନାସିକ ଯୁକ୍ତ ବ୍ୟଞ୍ଜନଗୁଡ଼ିକ ଫଳାଯୁକ୍ତ ହୋଇପାରେ କିମ୍ବା ହଳନ୍ତ ଯୁକ୍ତ ହୋଇ ପରବର୍ଣ୍ଣ ସଙ୍ଗେ ମିଶେ ।

ଯଥା : ଆସ୍ଫାଳନ = ଆସ୍ଫାଳନ, ଉତ୍କୃଷ୍ଟ = ଉତ୍କୃଷ୍ଟ

ନାସିକ୍ୟ ଯୁକ୍ତ ବ୍ୟଞ୍ଜନ ବା ବର୍ଗ୍ୟ ଯୁକ୍ତ ବ୍ୟଞ୍ଜନ :

ବର୍ଗ୍ୟ ବର୍ଣ୍ଣ ମଧ୍ୟରେ ଙ୍, ଞ୍, ଣ, ନ୍, ମ୍ - ଏଗୁଡ଼ିକ ନାସିକ୍ୟ ବର୍ଣ୍ଣ । ଏଗୁଡ଼ିକର ଉଚ୍ଚାରଣ ନାସାରୁ । ଏଗୁଡ଼ିକ ବର୍ଗ୍ୟବର୍ଣ୍ଣର ୫ମ ବର୍ଣ୍ଣ । ୫ମ ବର୍ଣ୍ଣ ସେହି ବର୍ଗର ଅନ୍ୟବର୍ଣ୍ଣ ସହିତ ମିଶି ସ୍ୱତନ୍ତ୍ର ଯୁକ୍ତ ବ୍ୟଞ୍ଜନ ହୁଏ ।

ଉଦାହରଣ :	ଙ୍ + କ = ଙ୍କ	ଞ୍ + ଚ = ଞ୍ଚ	ଣ୍ + ଟ = ଣ୍ଟ	ନ୍ + ତ = ନ୍ତ	ମ୍ + ପ = ମ୍ପ
	ଙ୍ + ଖ = ଙ୍ଖ	ଞ୍ + ଛ = ଞ୍ଛ	ଣ୍ + ଠ = ଣ୍ଠ	ନ୍ + ଥ = ନ୍ଥ	ମ୍ + ଫ = ମ୍ଫ
	ଙ୍ + ଗ = ଙ୍ଗ	ଞ୍ + ଜ = ଞ୍ଜ	ଣ୍ + ଡ = ଣ୍ଡ	ନ୍ + ଦ = ନ୍ଦ	ମ୍ + ବ = ମ୍ବ
	ଙ୍ + ଘ = ଙ୍ଘ	ଞ୍ + ଝ = ଞ୍ଝ	ଣ୍ + ଢ = ଣ୍ଢ	ନ୍ + ଧ = ନ୍ଧ	ମ୍ + ଭ = ମ୍ଭ

ଏହି ୨୦ଟି ବର୍ଗ୍ୟ ଯୁକ୍ତ ବ୍ୟଞ୍ଜନ ।

୨. ଶବ୍ଦ

୧ । ଶବ୍ଦ କାହାକୁ କହନ୍ତି ଉଦାହରଣ ସହ ଲେଖ ।

ଉ : ଅର୍ଥ ପ୍ରକାଶ କରୁଥିବା ଗୋଟିଏ ବର୍ଣ୍ଣ ବା ବର୍ଣ୍ଣର ସମଷ୍ଟିକୁ ଶବ୍ଦ କହନ୍ତି ।

ଉଦାହରଣ – ଆ, ଯା, ଖା, ଘର, ଶଗଡ଼ ଇତ୍ୟାଦି

୨ । ମୌଳିକ ଶବ୍ଦ ଓ ବ୍ୟୁତ୍ପନ୍ନ ଶବ୍ଦ କାହାକୁ କହନ୍ତି ବୁଝାଅ ।

ଉ : ମୌଳିକ ଶବ୍ଦ – ଯେଉଁ ଶବ୍ଦଗୁଡ଼ିକ ଗୋଟିଏ ଏକକ ଅର୍ଥାତ୍ ଏଥିରୁ ଗୋଟିଏ ଧ୍ୱନି ବା ବର୍ଣ୍ଣକୁ କାଟିଦେଲେ ତାହା ସେହି ପର୍ଯ୍ୟାୟବାଚୀ ଅର୍ଥ ପ୍ରକାଶ କରିବାରେ ଅକ୍ଷମ ହୁଏ । ତାହାକୁ ମୌଳିକ ଶବ୍ଦ କହନ୍ତି । ଏହା ପ୍ରକୃତ ପକ୍ଷେ ମୂଳ ଶବ୍ଦ । ଏଥିରେ କୌଣସି ପ୍ରତ୍ୟୟ ସଂଯୁକ୍ତ ହୋଇ ନଥାଏ ।

ଉଦାହରଣ – ଧାଇଁ, ଆଇ, ବୀଣା, ପାଠ ଇତ୍ୟାଦି ।

ବ୍ୟୁତ୍ପତ୍ତି ଶବ୍ଦ – ମୂଳ ଶବ୍ଦ ବା ଧାତୁରେ ପ୍ରତ୍ୟୟ ଯୋଗ କରାଯାଇ ନୂତନ ଶବ୍ଦ ଗଠନ କରାଗଲେ ତାକୁ ବ୍ୟୁତ୍ପନ୍ନ ଶବ୍ଦ କହନ୍ତି ।

ଉଦାହରଣ – ପାଠୁଆ = (ମୂଳ ଶବ୍ଦ) ପାଠ + (ପ୍ରତ୍ୟୟ) ଉଆ

ଚାକରାଣୀ = (ମୂଳ ଶବ୍ଦ) ଚାକର + (ପ୍ରତ୍ୟୟ) ଆଣୀ

ଦାଶରଥି = (ମୂଳ ଶବ୍ଦ) ଦଶରଥ + (ପ୍ରତ୍ୟୟ) ଇ

୩ । ଓଡ଼ିଆ ଭାଷାରେ ବ୍ୟବହୃତ ହେଉଥିବା ଶବ୍ଦଗୁଡ଼ିକୁ କେତେ ଭାଗରେ ବିଭକ୍ତ କରାଯାଏ ଓ କ'ଣ କ'ଣ ? ଉଦାହରଣ ସହ ସଂକ୍ଷେପରେ ଆଲୋଚନା କର ।

ଉ : ଓଡ଼ିଆ ଭାଷାରେ ବ୍ୟବହୃତ ହେଉଥିବା ଶବ୍ଦଗୁଡ଼ିକୁ ୪ ଶ୍ରେଣୀରେ ବିଭକ୍ତ କରାଯାଇଥାଏ ।

ଯଥା – (୧) ତତ୍ସମ (୨) ତଦ୍ଭବ (୩) ଦେଶଜ (୪) ବୈଦେଶିକ

ତତ୍ସମ ଶବ୍ଦ – ତତ୍ସମ = ତତ୍ + ସମ ଅର୍ଥାତ୍ ତତ୍ (ସଂସ୍କୃତ) ସହିତ ସମାନ । ସଂସ୍କୃତ ଭାଷାରେ ବ୍ୟବହୃତ ହେଉଥିବା କେତେକ ଶବ୍ଦ ଅବିକଳ ଭାବରେ ଓଡ଼ିଆ ଭାଷାରେ ବ୍ୟବହୃତ ହୋଇଥାଏ । ସେହି ଶବ୍ଦଗୁଡ଼ିକୁ ତତ୍ସମ ଶବ୍ଦ କହନ୍ତି । ତତ୍ସମ ଶବ୍ଦଗୁଡ଼ିକ ସଂସ୍କୃତ ଶବ୍ଦଗୁଡ଼ିକର ଅପରିବର୍ତ୍ତିତ ରୂପ ।

Scanned with CamScanner

ଉଦାହରଣ – **ସଂସ୍କୃତ** **ଓଡ଼ିଆ**

ନଦୀ	ନଦୀ
ଜଳ	ଜଳ
ହସ୍ତୀ	ହସ୍ତୀ
ହସ୍ତ	ହସ୍ତ ଇତ୍ୟାଦି

ତଦ୍ଭବ ଶବ୍ଦ – ତଦ୍ଭବ = ତତ୍ + ଭବ । ଅର୍ଥାତ୍ ତତ୍ (ସଂସ୍କୃତ) ଶବ୍ଦରୁ ଜାତ । ଅନେକ ସଂସ୍କୃତ ଶବ୍ଦ କାଳକ୍ରମେ ରୂପାନ୍ତରିତ ହୋଇ ଓଡ଼ିଆ ଭାଷାରେ ବ୍ୟବହୃତ ହୋଇ ଆସୁଛି । ସେହି ଶବ୍ଦଗୁଡ଼ିକୁ ତଦ୍ଭବ ଶବ୍ଦ କହନ୍ତି । ସୁତରାଂ ତଦ୍ଭବ ଶବ୍ଦ ସଂସ୍କୃତ ଶବ୍ଦର ପରିବର୍ତ୍ତିତ ରୂପ ।

ସଂସ୍କୃତ	ତଦ୍ଭବ
ନଦୀ	ନଈ
କୂପ	କୂଅ
ଘୃତ	ଘିଅ
କର୍ଣ୍ଣ	କାନ ଇତ୍ୟାଦି

ଦେଶଜ ଶବ୍ଦ – ଅର୍ଥାତ୍ ଦେଶର ଲୋକମାନଙ୍କ ମୁହଁରୁ ବାହାରି ବ୍ୟବହୃତ ହେଉଥିବା ଶବ୍ଦ । ଓଡ଼ିଆ ଭାଷାରେ ବ୍ୟବହୃତ କେତେକ ଶବ୍ଦ ସଂସ୍କୃତମୂଳକ ନୁହେଁ । ସେଗୁଡ଼ିକ ଅବିକଳ ସଂସ୍କୃତ ନୁହେଁ କି ସଂସ୍କୃତରୁ ସାମାନ୍ୟ ପରିବର୍ତ୍ତିତ ହୋଇଥିବା ଶବ୍ଦ ମଧ୍ୟ ନୁହେଁ । ଏଗୁଡ଼ିକ ଏ ଦେଶର ଅର୍ଥାତ୍ ଓଡ଼ିଶାରେ ବାସ କରୁଥିବା ଓଡ଼ିଆ ଲୋକମାନଙ୍କର ମୁହଁରୁ ଆପେ ଆପେ ସୃଷ୍ଟି ହୋଇଥିବା ଶବ୍ଦ । ଏହି ଶବ୍ଦଗୁଡ଼ିକ ଏ ଦେଶର ଉଦ୍ଭୂତ ହୋଇଥିବାରୁ ଏଗୁଡ଼ିକୁ 'ଦେଶଜ' ଶବ୍ଦ କୁହାଯାଏ ।

ଉଦାହରଣ – ଅଳିଆ, ଅଡ଼ା, ଏଣ୍ଡୁରି, କୁଟା ଇତ୍ୟାଦି ।

ବୈଦେଶିକ ଶବ୍ଦ – ଶାସନ ସୂତ୍ରରେ ହେଉ ବା ବାଣିଜ୍ୟ ବ୍ୟବସାୟ ସୂତ୍ରରେ ହେଉ କାଳକ୍ରମେ ଓଡ଼ିଶାର ଅଧିବାସୀମାନେ ଅନ୍ୟ ଭାଷାଭାଷୀ ବା ବିଦେଶୀମାନଙ୍କ ସଂସ୍ପର୍ଶରେ ଆସିବା ଫଳରେ ସେମାନଙ୍କ ଭାଷାର କେତେକ ଶବ୍ଦ ଆମ ଭାଷାରେ ଅନୁରୂପ ଭାବରେ ବା ସାମାସ୍ୟ ପରିବର୍ତ୍ତିତ ହୋଇ ପ୍ରବେଶ କରିଛି । ଏହି ଜାତୀୟ ଶବ୍ଦଗୁଡ଼ିକୁ ବୈଦେଶିକ ଶବ୍ଦ କୁହାଯାଏ ।

ଉଦାହରଣ – ଆରବୀ ଶବ୍ଦ - ଅଇନା, ଅକ୍‌କଲ, ଅମିନ, ଅଚାନକ୍ ଇତ୍ୟାଦି ।

ପାରସୀ ଶବ୍ଦ - ଅଙ୍ଗୁର, ଆମଦାନୀ, କରଜ, କାମିଜ ଇତ୍ୟାଦି ।

ତୁର୍କୀ ଶବ୍ଦ - ଗାଲିଚା, ତୋପ, ବନ୍ଧୁକ, ବାରୁଦ ଇତ୍ୟାଦି ।

ପର୍ତ୍ତୁଗୀଜ ଶବ୍ଦ - ଆଚାର, କୋବି, ନିଲାମ, ଇସ୍ତ୍ରି ଇତ୍ୟାଦି ।

ଇଂରାଜୀ ଶବ୍ଦ - ଟେବୁଲ, ଚେୟାର, ପେନ, ଟାଉନ୍, ପୋଷ୍ଟ ଅଫିସ୍ ଇତ୍ୟାଦି ।

(ପ୍ରକାଶ ଥାଉକି ଜଗତ୍‌କରଣ ପ୍ରକ୍ରିୟା ପ୍ରଭାବରେ ଆମ ଭାଷାରେ ବୈଦେଶିକ ଶବ୍ଦର ସଂଖ୍ୟା ବଢୁଛି । ସେଥିପାଇଁ ଆମର ଗ୍ରହଣୀୟତା ଗୁଣ ଆବଶ୍ୟକ ।)

୩. ପଦ ପ୍ରକରଣ

୧ । ପଦ କାହାକୁ କହନ୍ତି ? ଏହା କେତେ ପ୍ରକାର ଓ କ'ଣ କ'ଣ ସଂକ୍ଷେପରେ ଉଦାହରଣ ସହ ଆଲୋଚନା କର ।

ଉ : ଶବ୍ଦ ବାକ୍ୟରେ ବ୍ୟବହୃତ ହେଲେ ତାକୁ ପଦ କହନ୍ତି ।

ଉଦାହରଣ : ହରି – ଏହା ଗୋଟିଏ ଶବ୍ଦ । ଏଥିରେ ଦୁଇଟି ବର୍ଣ୍ଣ ଅଛି । ହରି – ଏହି ଶବ୍ଦ ଗୋଟିଏ ନାମକୁ ପ୍ରକାଶ କରୁଛି । ଅର୍ଥାତ୍ ଏହି ଶବ୍ଦର ଗୋଟିଏ ଅର୍ଥ ଅଛି ।

ହରି ବହି ପଢୁଛି । – ଏହା ଗୋଟିଏ ବାକ୍ୟ । ଏହି ବାକ୍ୟରେ ୩ଟି ପଦ ଅଛି । ହରି, ବହି, ପଢୁଛି ।

ସୁତରାଂ – ହରି ବହି ପଢୁଛି – ଏହି ବାକ୍ୟରେ 'ହରି' ଗୋଟିଏ ପଦ ।

Scanned with CamScanner

ପଦ ୫ ପ୍ରକାର ।

(୧) ବିଶେଷ୍ୟ ପଦ (୨) ବିଶେଷଣ ପଦ (୩) ସର୍ବନାମ ପଦ (୪) ଅବ୍ୟୟ ପଦ (୫) କ୍ରିୟା ପଦ

(୧) ବିଶେଷ୍ୟ ପଦ – ଯେଉଁ ପଦ କୌଣସି ନିର୍ଦ୍ଦିଷ୍ଟ ବ୍ୟକ୍ତି, ଜାତି, ବସ୍ତୁ, ଗୁଣ ବା କ୍ରିୟାର ନାମକୁ ବୁଝାଏ, ତାକୁ ବିଶେଷ୍ୟ ପଦ କହନ୍ତି ।

(i) ବ୍ୟକ୍ତିବାଚକ ବା ନାମବାଚକ ବା ସଂଜ୍ଞାବାଚକ ବିଶେଷ୍ୟ ।

ଉଦାହରଣ – ରାମ, ହିମାଳୟ, ଗଙ୍ଗା, ଭାରତ, ବୈଶାଖ ଇତ୍ୟାଦି

(ii) ଜାତିବାଚକ – ମାଛ, ମଣିଷ, ବାଳକ, ବାଘ ଇତ୍ୟାଦି

(iii) ବସ୍ତୁବାଚକ – କାଠ, ସୁନା, ଲୁହା, ମାଟି ଇତ୍ୟାଦି

(iv) ଗୁଣବାଚକ – ଭଦ୍ରତା, ସାଧୁତା, ନମ୍ରତା ଇତ୍ୟାଦି

(v) କ୍ରିୟାବାଚକ – ଭୋଜନ, ଶୟନ, ସେବା, ପୂଜା

(୨) ସର୍ବନାମ ପଦ – ଯେଉଁ ପଦ ବିଶେଷ୍ୟ ବା ନାମ ବଦଳରେ ବ୍ୟବହୃତ ହୁଏ, ତାକୁ ସର୍ବନାମ କହନ୍ତି ।

(i) ପୁରୁଷ ବାଚକ ସର୍ବନାମ – ମୁଁ, ଆମ୍ଭେ, ତୁ, ତୁମ୍ଭେ, ଆପଣ, ସେ, ସେମାନେ

(ii) ନିର୍ଦ୍ଦେଶ ବାଚକ – ଏହି, ଏହା, ତାହା ।

(iii) ଅନିଶ୍ଚୟ ବାଚକ – କେହି, କିଛି ।

(iv) ସମ୍ବନ୍ଧବାଚକ ବା ଆପେକ୍ଷିକ – ସେ, ଯାହାର, ଯେତେ

(v) ପ୍ରଶ୍ନବାଚକ – କ'ଣ, କିଏ, କେଉଁଠି

(v) ଆତ୍ମବାଚକ – ନିଜେ, ଆପେ

(୩) ବିଶେଷଣ ପଦ – ଯେଉଁ ପଦ ଅନ୍ୟପଦ୍ୟର ଗୁଣ, ଅବସ୍ଥା, ସଂଖ୍ୟା ବା ପରିମାଣକୁ ବୁଝାଏ ତାକୁ ବିଶେଷଣ ପଦ କହନ୍ତି ।

ଉଦାହରଣ : <u>ମଧୁର</u> ବଚନ (ମଧୁର - ଗୁଣବାଚକ)

<u>ବୁଢ଼ା</u> ଲୋକ (ବୁଢ଼ା - ଅବସ୍ଥା ବାଚକ)

<u>ପାଞ୍ଚ</u> ମିଟର (ପାଞ୍ଚ - ସଂଖ୍ୟା ବାଚକ)

<u>ବେଲେ</u> ପଖାଳ (ବେଲେ - ପରିମାଣ ବାଚକ)

(୪) ଅବ୍ୟୟ ପଦ – ଲିଙ୍ଗ, ବଚନ, ପୁରୁଷ, କାଳ, ବିଭକ୍ତି ଭେଦରେ ଯେଉଁ ପଦର କୌଣସି ପରିବର୍ତ୍ତନ ହୁଏ ନାହିଁ, ତାକୁ ଅବ୍ୟୟ ପଦ କହନ୍ତି ।

ଉଦାହରଣ – ଓ, ଏବଂ, ଆହୁରି, ବିନା, ଏତେ, ଯଦି, ନଚେତ, ନ, ନା ଇତ୍ୟାଦି ।

(୫) କ୍ରିୟାପଦ – ବାକ୍ୟରେ ଯେଉଁ ପଦରୁ କୌଣସି କାର୍ଯ୍ୟ ହେବାର ବୁଝାଯାଏ ତାକୁ କ୍ରିୟାପଦ କହନ୍ତି ।

ପିଲାଟି ବହି <u>ପଢୁଛି</u> । – ଏହି ବାକ୍ୟରେ ପଢୁଛି – କ୍ରିୟାପଦ

ସୀତା ଗାଆଁକୁ <u>ଗଲା</u> । – ଏହି ବାକ୍ୟରେ ଗଲା – କ୍ରିୟାପଦ

ତୁମେ କାଲି <u>ଆସିବ</u> । – ଏହି ବାକ୍ୟରେ ଆସିବ – କ୍ରିୟାପଦ

୨ । **ପ୍ରଭେଦ ଦର୍ଶାଅ ।**

ଉ : (i) ସମାପିକା କ୍ରିୟା ଓ ଅସମାପିକା କ୍ରିୟା

- ସମାପିକା କ୍ରିୟା – ଯେଉଁ କ୍ରିୟାର ପ୍ରୟୋଗଦ୍ୱାରା ବାକ୍ୟର ଅର୍ଥ ସମ୍ପୂର୍ଣ୍ଣ ରୂପେ ପ୍ରକାଶ ପାଏ, ତାହାକୁ ସମାପିକା କ୍ରିୟା କହନ୍ତି ।

ଉଦାହରଣ – ମୁଁ ବ୍ୟାକରଣ <u>ପଢ଼ିଲି</u> ।

ଗୋପବନ୍ଧୁ ଦେଶ ସେବା <u>କରୁଥିଲେ</u> ।

Scanned with CamScanner

- **ଅସମାପିକା କ୍ରିୟା** – ଯେଉଁ କ୍ରିୟାର ବ୍ୟବହାରଦ୍ୱାରା ବାକ୍ୟର ଅର୍ଥ ସମ୍ପୂର୍ଣ୍ଣ ରୂପେ ପ୍ରକାଶ ପାଏ ନାହିଁ ଏବଂ ଅନ୍ୟ କ୍ରିୟାର ଅପେକ୍ଷା ରଖେ ତାହାକୁ ଅସମାପିକା କ୍ରିୟା କହନ୍ତି ।

  ଉଦାହରଣ – ପିଲାମାନେ ବହି ଧରି ବିଦ୍ୟାଳୟକୁ ଯାଉଛନ୍ତି । ଏଠାରେ 'ଧରିବା' କ୍ରିୟାର ଅସମାପିକା ରୂପ 'ଧରି' କ୍ରିୟାଦ୍ୱାରା ବାକ୍ୟର ଅର୍ଥ ପୂର୍ଣ୍ଣ ରୂପେ ପ୍ରକାଶିତ ନହୋଇ ଅନ୍ୟ କ୍ରିୟା ଉପରେ ନିର୍ଭର କରେ । ତେଣୁ 'ଧରି' ଅସମାପିକା କ୍ରିୟା । ଅନ୍ୟ ଅସମାପିକା କ୍ରିୟାର ରୂପ – ଯାଇ, ଆସି, ଖାଇ, ଯାଉ ଯାଉ, ଆସୁ ଆସୁ ଇତ୍ୟାଦି ।

(ii) ସକର୍ମକ କ୍ରିୟା ଓ ଅକର୍ମକ କ୍ରିୟା :

- **ସକର୍ମକ କ୍ରିୟା :** ଯେଉଁ କ୍ରିୟାର କର୍ମଥାଏ ତାକୁ ସକର୍ମକ କ୍ରିୟା ପଦ କହନ୍ତି ।

  ଉଦାହରଣ : ମୁଁ ସାହିତ୍ୟ ପଢ଼ିଲି । (ସାହିତ୍ୟ - କର୍ମ, ମୁଁ ପଢ଼ିଲି କ'ଣ ? ଉ: ସାହିତ୍ୟ)

  ସେ ଖାଇଲା - (ଖାଇଲା ସକର୍ମକ କ୍ରିୟା । ସେ ଖାଇଲା- ସେ କ'ଣ ଖାଇଲା ? ଯାହା ଖାଇଲା ତାହା କର୍ମପଦ । କର୍ମ ପଦ ଏଥିରେ ଉହ୍ୟ ଅଛି ।

  ସୁତରାଂ କ୍ରିୟାର କର୍ମ ଥିଲେ ବା କର୍ମପଦ ଉହ୍ୟ ଥିଲେ ତାହା ସକର୍ମକ କ୍ରିୟା ହୁଏ ।

- ଅକର୍ମକ କ୍ରିୟା - ଯେଉଁ କ୍ରିୟା ପଦର କର୍ମ ନଥାଏ ତାକୁ ଅକର୍ମକ କ୍ରିୟା କହନ୍ତି ।

  ଉଦାହରଣ- ହରିଣଟି ଦୌଡ଼ିଲା । (କ'ଣ ଦୌଡ଼ିଲା ? ତା'ର ଅର୍ଥ କିଛି ନାହିଁ ।)

  ପିଲାଟି କାନ୍ଦୁଛି । (କ'ଣ କାନ୍ଦୁଛି ? ତା'ର ଅର୍ଥ କିଛି ନାହିଁ ।)

  ତେଣୁ ଦୌଡ଼ିଲା, କାନ୍ଦୁଛି ଅକର୍ମକ କ୍ରିୟା ।

- ୫ଟି ସକର୍ମକ କ୍ରିୟା ଓ ୫ଟି ଅକର୍ମକ କ୍ରିୟାର ଉଦାହରଣ ଦିଅ ।

  ସକର୍ମକ କ୍ରିୟା - ଅର୍ଜିବା, ପିଇବା, କରିବା, କାଟିବା, କହିବା ଇତ୍ୟାଦି ।

  ଅକର୍ମକ କ୍ରିୟା - ଉଡ଼ିବା, କାନ୍ଦିବା, ହସିବା, ଚାଲିବା, କାଶିବା ଇତ୍ୟାଦି ।

- ଦ୍ୱିକର୍ମକ କ୍ରିୟା କାହାକୁ କହନ୍ତି ? ଉଦାହରଣ ସହ ଲେଖ ।

ଉ : ଯେଉଁ କ୍ରିୟାର ଦୁଇଟି କର୍ମ ଥାଏ, ତାକୁ ଦ୍ୱିକର୍ମକ କ୍ରିୟା କହନ୍ତି ।

ଉଦାହରଣ - ଶିକ୍ଷକ ଛାତ୍ରକୁ ପ୍ରଶ୍ନ ପଚାରିଲେ ।

ପଚାରିଲେ - ଦ୍ୱିକର୍ମକ କ୍ରିୟା । ଏଥିରେ ଦୁଇଟି କର୍ମ (୧) ପ୍ରଶ୍ନ (୨) ଛାତ୍ରକୁ

ପ୍ରଶ୍ନ - ମୁଖ୍ୟ କର୍ମ, ଛାତ୍ରକୁ – ଗୌଣ କର୍ମ

- ମିଶ୍ରକ୍ରିୟା ଓ ଅମିଶ୍ରକ୍ରିୟା ।

  ମିଶ୍ରକ୍ରିୟା - ଏକାଧିକ କ୍ରିୟାର ମିଶ୍ରଣରେ ଗଠିତ କ୍ରିୟାକୁ ମିଶ୍ରକ୍ରିୟା କହନ୍ତି ।

  ଉଦାହରଣ – ସେ ଭୋଜନ କଲେ । ଭୋଜନ କଲେ ମିଶ୍ରକ୍ରିୟା । ଏଥିରେ ୨ଟି କ୍ରିୟା ପଦ ରହିଛି । ପ୍ରଥମଟି କ୍ରିୟାବାଚକ ବିଶେଷ୍ୟ ଏବଂ ଦ୍ୱିତୀୟଟି କ୍ରିୟାପଦ । ୨ୟ କ୍ରିୟାଟି କର୍ତ୍ତାର ବଚନ, ପୁରୁଷ ଅନୁସାରେ ହୁଏ । ଏଥିରେ କାଳସୂଚକ ପ୍ରତ୍ୟୟ ଥାଏ । ପ୍ରଥମ ଥିବା ପଦଟି କ୍ରିୟାବାଚକ ବିଶେଷ୍ୟ । ଏହାର ଅର୍ଥର ପ୍ରାଧାନ୍ୟ ଥାଏ ।

  ଅମିଶ୍ରକ୍ରିୟା – ଯେଉଁ ବାକ୍ୟରେ ଗୋଟିଏ ମାତ୍ର କ୍ରିୟା ପଦ ଥାଏ ଓ ତାହାର ଅର୍ଥର ପ୍ରାଧାନ୍ୟ ରହେ ତାହା ଅମିଶ୍ର କ୍ରିୟା ।

  ଉଦାହରଣ - ସେ ଭାତ ଖାଇଲେ । ଖାଇଲେ ଅମିଶ୍ର କ୍ରିୟା । ମିଶ୍ର କ୍ରିୟାରେ କ୍ରିୟାବାଚକ ବିଶେଷ୍ୟ ପଦ ବଦଳରେ କ୍ରିୟାରୁ ଗଠିତ ବିଶେଷଣ ପଦ ମଧ୍ୟ ହୋଇପାରେ । କ୍ରିୟାବାଚକ ବିଶେଷ୍ୟ ପଦ ଥିଲେ କୃ ବା କର୍ ଧାତୁର କ୍ରିୟା, କ୍ରିୟାରୁ ଗଠିତ ବିଶେଷଣ ପଦ ଥିଲେ ଭୂ ବା ଧାତୁର କ୍ରିୟା ରହେ ।

  ସେ ବହିଟି ପଠନ କଲା । ପଠନ କଲା – ମିଶ୍ର କ୍ରିୟା ।

  ତାଙ୍କ ଦ୍ୱାରା ବହିଟି ପଠିତ ହେଲା । ପଠିତ ହେଲା - ମିଶ୍ର କ୍ରିୟା ।

- ଯୌଗିକ କ୍ରିୟା - ଦୁଇଟି ଧାତୁ ଏକାଠି ରହି ଗୋଟିଏ କ୍ରିୟା ହୋଇଥିଲେ ତାକୁ ଯୌଗିକ କ୍ରିୟା କହନ୍ତି । ପ୍ରଥମ କ୍ରିୟା ଅସମାପିକା ରୂପର ଏବଂ ଏହାର ଅର୍ଥର ପ୍ରାଧାନ୍ୟ ରହେ । ୨ୟ କ୍ରିୟା ପଦଟି ସମାପିକା କ୍ରିୟା ହୋଇଥାଏ ।

  ସେ ସବୁ ଖାଇଗଲା - ଯୌଗିକ କ୍ରିୟା ।

  ସବୁ ପାଠ ପଢ଼ି ପକାଅ । ଯୌଗିକ କ୍ରିୟା ।

Scanned with CamScanner

୩ । ୫ଟି ମିଶ୍ର କ୍ରିୟା ଓ ୫ଟି ଅମିଶ୍ର କ୍ରିୟାର ଉଦାହରଣ ଲେଖ ।

ଉ :

ମିଶ୍ର କ୍ରିୟା	ଅମିଶ୍ର କ୍ରିୟା
ଭୋଜନ କର	ଭୁଞ୍ଜ / ଖାଅ
ପଠନ କରିବ	ପଢ଼ିବ
କର୍ତ୍ତନ କଲେ	କାଟିଲେ
ଦର୍ଶନ କଲେ	ଦେଖିଲେ
ରଚନା କରିଛି	ରଚିଛି

୪ । ନାମଧାତୁ କ୍ରିୟା କାହାକୁ କହନ୍ତି ଉଦାହରଣ ସହ ଲେଖ । ବିଶେଷ୍ୟ ବା ବିଶେଷଣ ପଦରୁ ଗଠିତ କ୍ରିୟାକୁ ନାମ ଧାତୁ କହନ୍ତି । ବିଶେଷ୍ୟ ବା ବିଶେଷଣ ପଦରେ ଇବା, ଏଇବା, ଅଇବା ପ୍ରଭୃତି ପ୍ରତ୍ୟୟ ଯୋଗ କରାଯାଇ ନାମ ଧାତୁ କ୍ରିୟା କହନ୍ତି ।

ବିଶେଷ୍ୟ ପଦ	ନାମ ଧାତୁ	ବିଶେଷଣ ପଦ	ନାମ ଧାତୁ
ଆଣ୍ଠୁ	ଆଣ୍ଠେଇବା	ଛୋଟ/ଛୋଟା	ଛୋଟେଇବା
ବାଡ଼ି	ବାଡ଼େଇବା	ଆଗ	ଆଗେଇବା
କାଖ	କାଖେଇବା	ଧଳା	ଧଉଳାଇବା/ଧଉଳେଇବା
ଗଜା	ଗଜେଇବା	ପଛ	ପଛେଇବା
ମୁହଁ	ମୁହାଁଇବା	ବଙ୍କା	ବଙ୍କେଇବା/ବଙ୍କାଇବା

୫ । ଗୋଟିଏ ପଦକୁ କିପରି ବିଭିନ୍ନ ପଦ ରୂପେ ବ୍ୟବହୃତ କରାଯାଇପାରିବ ଉଦାହରଣ ସହ ଲେଖ ।

ଉ : ବାକ୍ୟରେ ଆବଶ୍ୟକତା ଅନୁସାରେ ଗୋଟିଏ ଗୋଟିଏ ପଦକୁ ରୂପ ବଦଳାଇ ଅନ୍ୟ ପଦ ଭାବରେ ମଧ୍ୟ ପ୍ରୟୋଗ କରାଯାଇପାରେ ।

ବିଶେଷ୍ୟ ପଦ	ବିଶେଷଣ ରୂପ	କ୍ରିୟା ରୂପ
ତେଲ	ତେଲିଆ	ତେଲେଇବା
ପାଉଁଶ	ପାଉଁଶିଆ	ପାଉଁଶେଇବା
ଗନ୍ଧି	ଗନ୍ଧିଆ	ଗନ୍ଧେଇବା

୬ । ପଦମାନଙ୍କ ଭିତରୁ ବିଶେଷ୍ୟ ପଦକୁ ଚିହ୍ନିବା କିପରି ଉଦାହରଣ ସହ ଲେଖ ।

ଶବ୍ଦରେ ବା ଧାତୁରେ ପ୍ରତ୍ୟୟ ଯୋଗ କଲେ ଶବ୍ଦ ଗଠିତ ହୁଏ । ଶବ୍ଦ ବାକ୍ୟରେ ବ୍ୟବହୃତ ହେଲେ ପଦ ହୁଏ । ନିମ୍ନଲିଖିତ ପ୍ରତ୍ୟୟଗୁଡ଼ିକରୁ ବିଶେଷ୍ୟ ପଦକୁ ଚିହ୍ନି ହେବ ।

ଇପ୍ରତ୍ୟୟ = ଶାନ୍ତି, ପ୍ରୀତି, ଗତି, ଭକ୍ତି, ସ୍ତୁତି

ଅନପ୍ରତ୍ୟୟ = ଗମନ, ଗଠନ, ପତନ, କୀର୍ତ୍ତନ, ଲିଖନ

ଅଣପ୍ରତ୍ୟୟ= ଗଢଣ, ମରଣ, ବରଣ, କରଣ, ସରଣ

ତାପ୍ରତ୍ୟୟ = ଶଠତା, ମୂର୍ଖତା, ଅଭିଜ୍ଞତା, ଅସ୍ଥିରତା, କୃତଜ୍ଞତା (ବିଶେଷଣ ପଦରେ ତଥା ପ୍ରତ୍ୟୟ)

ତ୍ୱପ୍ରତ୍ୟୟ = ଗୁରୁତ୍ୱ, ଲଘୁତ୍ୱ, ମହତ୍ତ୍ୱ, ବୀରତ୍ୱ, ବନ୍ଧୁତ୍ୱ

ଆମିପ୍ରତ୍ୟୟ = ପାଗଳାମି, ଭଣ୍ଡାମି, ଠକାମି, ମୂର୍ଖାମି

ଆଣପ୍ରତ୍ୟୟ = ମିଶାଣ, ଫେଡ଼ାଣ, ଉଠାଣ, ବଢାଣ

ଅଣିପ୍ରତ୍ୟୟ = ମଣ୍ଡଣି, ଛନ୍ଦଣି, ଖଟଣି

ଯପ୍ରତ୍ୟୟ = ଆଧିକ୍ୟ, ଆଳସ୍ୟ, ଚାଞ୍ଚଲ୍ୟ, ସୌନ୍ଦର୍ଯ୍ୟ

Scanned with CamScanner

୨ । ନିମ୍ନଲିଖିତ ବିଶେଷଣ୍ୟ ପଦକୁ କିପରି ବିଶେଷଣ ପଦ କରିବା ଲେଖ ।

	ବିଶେଷ୍ୟ	ବିଶେଷଣ
ତ’ ପ୍ରତ୍ୟୟ	ଅଧିକାର	ଅଧିକୃତ
	ଅନୁରାଗ	ଅନୁରକ୍ତ
	ଦାନ	ଦତ୍ତ
	ବଚନ	ଉକ୍ତ
	ପଠନ	ପଠିତ
	ଦର୍ଶନ	ଦୃଷ୍ଟ
ଇ’ ପ୍ରତ୍ୟୟ	ରଣ	ରଣୀ
	ପାପ	ପାପୀ
	ବିରୋଧ	ବିରୋଧୀ
	ଧନ	ଧନୀ
	ଦେଶ	ଦେଶୀ
	ସୁଖ	ସୁଖୀ
ଇକ ପ୍ରତ୍ୟୟ	ସଂସାର	ସାଂସାରିକ
	ଅଭିଧାନ	ଆଭିଧାନିକ
	ଅଞ୍ଚଳ	ଆଞ୍ଚଳିକ
	ଅର୍ଥ	ଆର୍ଥିକ
ଇଆ ପ୍ରତ୍ୟେୟ	ଓଜନ	ଓଜନିଆ
	ଗନ୍ଧ	ଗନ୍ଧିଆ
	ଚାଉଳ	ଚାଉଳିଆ
	କପାଳ	କପାଳିଆ

	ବିଶେଷ୍ୟ	ବିଶେଷଣ
ଈୟ ପ୍ରତ୍ୟୟ	ଦେଶ	ଦେଶୀୟ
	ଜଳ	ଜଳୀୟ
	ଗ୍ରହଣ	ଗ୍ରହଣୀୟ
	ପଠନ	ପଠନୀୟ
ଯ’ ପ୍ରତ୍ୟୟ	ମୁଖ	ମୁଖ୍ୟ
	ଓଷ୍ଠ	ଓଷ୍ଠ୍ୟ
	କଣ୍ଠ	କଣ୍ଠ୍ୟ
	ପାଦ	ପାଦ୍ୟ
	ଦମ୍ପତି	ଦାମ୍ପତ୍ୟ
ଇତ ପ୍ରତ୍ୟୟ	ଅଭିଳାଷ	ଅଭିଳଷିତ
	କଳୁଷ	କଳୁଷିତ
	ସମ୍ମାନ	ସମ୍ମାନିତ
	ଶିକ୍ଷା	ଶିକ୍ଷିତ
ଉଆ ପ୍ରତ୍ୟୟ	ପାଠ	ପାଠୁଆ
	ବାଣ	ବାଣୁଆ
	ଘର	ଘରୁଆ
ଇୟା ପ୍ରତ୍ୟୟ	ଫେନ	ଫେନିଆ
	ଫଗୁ	ଫଗିଳ
	ପଙ୍କ	ପଙ୍କିଳ
	ଜଟା	ଜଟିଳ

୪. ଶବ୍ଦ ଗଠନ

୧ । ଶବ୍ଦ ଗଠନ କିପରି ହୁଏ ସଂକ୍ଷେପରେ ଆଲୋଚନା କର ।

ଉ : ଶବ୍ଦ : – ଏକ ବା ଏକାଧିକ ବର୍ଣ୍ଣ ମିଶି କୌଣସି ଅର୍ଥ ପ୍ରକାଶ କଲେ ତାକୁ ଶବ୍ଦ କହନ୍ତି ।

ଉଦାହରଣ - ଆ, ଯା, ଖା, ପି, ରାମ, ଗଛ, କନକ ଇତ୍ୟାଦି

ଶବ୍ଦ ୨ ପ୍ରକାର- (i) ମୌଳିକ ଶବ୍ଦ (ii) ବ୍ୟୁତ୍ପନ୍ନ ଶବ୍ଦ ।

(i) **ମୌଳିକ ଶବ୍ଦ :** ଯେଉଁ ଶବ୍ଦର ପୂର୍ବ ବା ପରେ କୌଣସି ପ୍ରତ୍ୟୟ ବା ରୂପ ସଂଯୁକ୍ତ ହୋଇ ନଥାଏ, ତାକୁ ମୌଳିକ ଶବ୍ଦ କହନ୍ତି । ତାହାର କୌଣସି ଅଙ୍ଗହାନି ଘଟିଲେ ଅର୍ଥାତ୍ ଶବ୍ଦରୁ ବର୍ଣ୍ଣକୁ ବାଦ ଦେଲେ ତାହା ଆଉ ମୂଳ ଶବ୍ଦର ଅର୍ଥ ପ୍ରକାଶ କରି ନଥାଏ ।

ଉଦାହରଣ - ବହି, ବଣ, ନିଶ, ଅଳସ ଇତ୍ୟାଦି ।

[ଅଳସ - ଏହି ଶବ୍ଦରୁ ଆମେ ‘ଅ’ ବାଦ ଦେଲେ ରହିବ ‘ଳସ’, ‘ସ’ ବାଦ ଦେଲେ ରହିବ ‘ଅଳ’, ‘ଳ’ ବାଦ ଦେଲେ ରହିବ ‘ଅସ’ - କୌଣସିଟି ଅଳସ ଶବ୍ଦର ଅର୍ଥକୁ ପ୍ରକାଶ କରେ ନାହିଁ ।’ ସେହିପରି ‘ବହି’ ଶବ୍ଦରୁ ‘ବ’ କୁ ବାଦ ଦେଲେ ‘ହି’, ‘ହିଁ’

Scanned with CamScanner

ବାଦ ଦେଲେ 'ବ', 'ବ' ବା 'ହି' କୌଣସି ଗୋଟିଏ ହେଲେ 'ବହି'ର ଅର୍ଥକୁ ପ୍ରକାଶ କରେ ନାହିଁ । 'ବ' ର ଅର୍ଥ 'ବସ' ଏହି ଅର୍ଥ ହୋଇପାରେ । ଏଣୁ ଏହା ଗୋଟିଏ ଶବ୍ଦ ହୋଇପାରେ, କିନ୍ତୁ ମୂଳ ଶବ୍ଦ 'ବହି'ର ଅର୍ଥ ପ୍ରକାଶ କରେ ନାହିଁ ।]

(ii) ବ୍ୟୁତ୍ପନ୍ନ ଶବ୍ଦ - ମୂଳ ଶବ୍ଦରେ ପୂର୍ବରୁ ବା ପରେ ଆଉ ଏକ ରୂପ ବା ପ୍ରତ୍ୟୟ ଯୋଗ କରି ନୂତନ ଶବ୍ଦ ଗଠନ କରାଗଲେ ତାହାକୁ ବ୍ୟୁତ୍ପନ୍ନ ଶବ୍ଦ କହନ୍ତି ।

ଉଦାହରଣ : ଅଣ + ଯୋରିଷ + ଇଆ = ଅଣଯୋରିଷିଆ

ବଣ + ଉଆ = ବଣୁଆ, ଖଟ ଓ ଉଲି = ଖଟୁଲି ଇତ୍ୟାଦି

- କ୍ରିୟାର ମୂଳପିଣ୍ଡକୁ ଧାତୁ କହନ୍ତି । ଧାତୁରେ ପ୍ରତ୍ୟୟ ଯୋଗକଲେ ଶବ୍ଦ ଗଠିତ ହୁଏ । ଧାତୁ ଓ ମୌଳିକ ଶବ୍ଦ – ଏ ଉଭୟକୁ ପ୍ରକୃତି କୁହାଯାଏ । ପ୍ରକୃତି ସହିତ ପ୍ରତ୍ୟୟ ଯୁକ୍ତ ହୋଇ ନୂତନ ଶବ୍ଦ ଗଠିତ ହୁଏ ।

ଗଠନ ଦୃଷ୍ଟିରୁ ଶବ୍ଦକୁ ନିମ୍ନଲିଖିତ ବିଭାଗୀକରଣ କରାଯାଏ ।

(୧) ଧାତୁ + ପ୍ରତ୍ୟୟ = ବ୍ୟୁତ୍ପନ୍ନ ଶବ୍ଦ (ନୂତନ ଶବ୍ଦ)

କୃ + ତ = କୃତ

ହସ୍ + ଇବା = ହସିବା

ପଢ୍ + ଆ = ପଢ଼ା

ଶ୍ରୁ + ତି = ଶ୍ରୁତି

(୨) ମୂଳ ଶବ୍ଦ + ପ୍ରତ୍ୟୟ = ବ୍ୟୁତ୍ପନ୍ନ ଶବ୍ଦ (ନୂତନ ଶବ୍ଦ)

କାଠ + ଇ = କାଠି

ପାନ + ରା = ପାନରା

ବିଜ୍ଞାନ + ଇକ = ବୈଜ୍ଞାନିକ

ପାଠ + ଉଆ = ପାଠୁଆ

(୩) ଉପପଦ + ଧାତୁ + ପ୍ରତ୍ୟୟ = ବ୍ୟୁତ୍ପନ୍ନ ଶବ୍ଦ

କୁମ୍ଭ + କୃ + ଅ = କୁମ୍ଭକାର

ଚିତ୍ର + କୃ + ଅ = ଚିତ୍ରକର

ନିଶା + କୃ + ଅ = ନିଶାକର

ଚୁଲି + ପଶ୍ + ଆ = ଚୁଲିପଶା

(୪) ଉପସର୍ଗ + ଧାତୁ + ପ୍ରତ୍ୟୟ = ବ୍ୟୁତ୍ପନ୍ନ ଶବ୍ଦ (ନୂତନ ଶବ୍ଦ)

ପ୍ର + ଗମ୍ + ତି = ପ୍ରଗତି

ସମ୍ + କୃ + ଅ = ସଂସ୍କାର

ଉତ୍ + ହୃ + ଅ = ଉଦ୍ଧାର

ବି + ଜ୍ଞା + ଅନ = ବିଜ୍ଞାନ

(୫) ଉପସର୍ଗ + ମୂଳ ଶବ୍ଦ + ପ୍ରତ୍ୟୟ = ବ୍ୟୁତ୍ପନ୍ନ ଶବ୍ଦ (ନୂତନ ଶବ୍ଦ)

ଆଣ + ଯୋରିଷ + ଆ = ଅଣଯୋରିଷିଆ

ଅତି + ଆ + ଚିର୍ + ଅ = ଅତ୍ୟାଚାର

ପରି + ଇକ୍ଷ୍ + ଆ = ପରୀକ୍ଷା

୨ । **ଉପସର୍ଗ କେତୋଟି ? ସେଗୁଡ଼ିକର କାର୍ଯ୍ୟ କ'ଣ ? ଉପସର୍ଗଗୁଡ଼ିକର ନାମ ଲେଖ ।**

ଉ : ସଂସ୍କୃତ ଭାଷାରେ ଉପସର୍ଗ ସଂଖ୍ୟା ୨୦ଟି । ଏହାଛଡ଼ା ଆମ ଭାଷାରେ ଆଉ କେତୋଟି ଉପସର୍ଗର ପ୍ରଚଳନ ଅଛି । ଉପସର୍ଗଗୁଡ଼ିକ ଧାତୁର ପୂର୍ବରୁ ବସେ । ତେଣୁ ଏଗୁଡ଼ିକୁ ପୂର୍ବ ପ୍ରତ୍ୟୟ ମଧ କୁହାଯାଏ । ଧାତୁ ବା ପ୍ରକୃତି (ଧାତୁ ଓ ମୌଳିକ ଶବ୍ଦ) ପରେ ପ୍ରତ୍ୟୟ ଯୋଗ କରାଯାଏ । ଏହି ପ୍ରତ୍ୟୟକୁ ପର ପ୍ରତ୍ୟୟ କହନ୍ତି ।

କାର୍ଯ୍ୟ : ଧାତୁ ପୂର୍ବରୁ ଉପସର୍ଗ ବସିଲେ ଧାତୁର ଅର୍ଥରେ ପରିବର୍ତ୍ତନ ଘଟେ । ଉଦାହରଣ - ବଦ୍ ଧାତୁର ଅର୍ଥ କହିବା । ଏଥିରେ ପ୍ରତି ଉପସର୍ଗ ଲାଗିଲେ 'ପ୍ରତିବାଦ' ହୁଏ । (ପ୍ରତି + ବଦ୍ + ଅ) ।

ପ୍ରତିବାଦର ଅର୍ଥ - ପ୍ରତିକୂଳ ଉକ୍ତି, ଅଭିଯୋଗ, ଆପତ୍ତି, ପ୍ରତ୍ୟୁତ୍ତର ଇତ୍ୟାଦି । ସେହିପରି 'ହୃ' ଧାତୁର ଅର୍ଥ ଚୋରି କରିବା ।

ବି + ହୃ + ଅ = ବିହାର (ବୁଲିବା), ପ୍ର + ହୃ + ଅ = ପ୍ରହାର (ପିଟିବା)

ଆ + ହୃ + ଅ = ଆହାର (ଖାଇବା), ସମ୍ + ହୃ + ଅ = ସଂହାର (ହତ୍ୟାକରିବା)

ଉପ + ହୃ + ଅ = ଉପହାର (ପାରିତୋଷିକ) ନି + ହୃ + ଅ = ନିହାର (କାକରଟୋପା)

Scanned with CamScanner

ନିର୍ + ଆ + ହୃ + ଅ = ନିରାହାର (ଉପବାସ), ଉତ୍+ ହୃ + ଅ = ଉଦ୍ଧାର (ରକ୍ଷା)

ପରି + ହୃ + ଅ = ପରିହାର (ତ୍ୟାଗ), ପ୍ରତି + ହୃ + ଅ = ପ୍ରତିହାର (ଜଗିବା)

ଉପସର୍ଗ ସଂଖ୍ୟା : ପ୍ର, ପରା, ଅପ, ସମ୍, ନି, ଅଧି, ସୁ, ଉତ୍, ନିର୍, ପରି, ଅବ, ଅନୁ, ଦୁର୍, ବି, ଅଭି, ଅପି, ଉପ, ଆ, ଅତି, ପ୍ରତି ।

ଅନ୍ୟ ଉପସର୍ଗ : ଅନ୍ତର୍ (ଅନ୍ତଃ), ବହିର୍ (ବହିଃ), ପୁରସ୍ (ପୁରଃ), ତିରସ୍ (ତିରଃ), ଅଣ, ଦର, ଅ ଇତ୍ୟାଦି ।

୩। କୃଦନ୍ତ କାହାକୁ କହନ୍ତି ? ଉଦାହରଣ ସହ ଆଲୋଚନା କର ।

ଉ : ଶବ୍ଦ ଗଢ଼ିବା ପାଇଁ ଧାତୁ ସହିତ ଅ, ତ, ଅନୀୟ, ଯ ପ୍ରଭୃତି କେତେକ ପ୍ରତ୍ୟୟ ଯୋଗ କରାଯାଏ । ଏହି ପ୍ରତ୍ୟୟଗୁଡ଼ିକୁ କୃତ୍ ପ୍ରତ୍ୟୟ କହନ୍ତି । ପ୍ରତ୍ୟୟ ଯୋଗ ହେବା ପରେ ଗଠିତ ଶବ୍ଦ ବିଶେଷ୍ୟ, କିମ୍ବା ବିଶେଷଣ କିମ୍ବା କ୍ରିୟାପଦ ଜାଣି ହୁଏ ।

(କୃଦନ୍ତ = କୃତ୍ + ଅନ୍ତ, ଅର୍ଥାତ୍ କୃତ୍ ଯାହାର ଅନ୍ତରେ ଥାଏ ।)

ଉଦାହରଣ –

ଗମ୍ + ଅନ୍ = ଗମନ (ବିଶେଷ୍ୟ ପଦ)
ଗମ୍ + ତ = ଗତ (ବିଶେଷଣ ପଦ)
ଗମ୍ + ତବ୍ୟ = ଗନ୍ତବ୍ୟ (ବିଶେଷଣ ପଦ)
ପଢ୍ + ଇବ = ପଢ଼ିବ (କ୍ରିୟାପଦ)
ପଢ୍ + ଆ = ପଢ଼ା (ବିଶେଷ୍ୟ ପଦ)

୪। ତଦ୍ଧିତ କାହାକୁ କହନ୍ତି ? ଉଦାହରଣ ସହ ଲେଖ ।

ଉ : ଶବ୍ଦରେ ପ୍ରତ୍ୟୟ ଯୋଗ କରି ଯେଉଁ ନୂଆ ଶବ୍ଦ ଗଠିତ ହୁଏ ତାକୁ ତଦ୍ଧିତ କହନ୍ତି । ଅ, ଉଆ, ଇଆ, ଏୟ ପ୍ରଭୃତି ପ୍ରତ୍ୟୟ ତଦ୍ଧିତ ପ୍ରତ୍ୟୟ । ଏହି ପ୍ରତ୍ୟୟଗୁଡ଼ିକ ବିଭିନ୍ନ ଅର୍ଥରେ କରାଯାଇଥାଏ । ତତ୍+ହିତ = ତଦ୍ଧିତ । ତତ୍ ଅର୍ଥ ମୂଳ ଶବ୍ଦ । ଏହା ମୂଳ ଶବ୍ଦର ହିତ ସାଧନ କରେ ଅର୍ଥାତ୍ ମୂଳ ଶବ୍ଦର ଅର୍ଥ ସହିତ ସମ୍ପର୍କ ରଖି ଆଉ ଗୋଟିଏ ନୂଆ ଶବ୍ଦ ସୃଷ୍ଟି କରେ ।

ଉଦାହରଣ –

ପଠନ + ଈୟ = ପଠନୀୟ (ଯାହା ପଢ଼ିବା ଉଚିତ୍)
ଭୂଗୋଳ + ଇକ= ଭୌଗୋଳିକ (ଭୂଗୋଳ ସମ୍ପର୍କୀୟ କିମ୍ବା ଭୂଗୋଳ ଯେ ଜାଣନ୍ତି)
ଶିବ + ଅ = ଶୈବ (ଶିବଙ୍କର ଭକ୍ତ ବା ଉପାସକ)
ଅର୍ଜୁନ + ଇ = ଆର୍ଜୁନି (ଅର୍ଜୁନଙ୍କ ପୁଅ)
ଗଙ୍ଗା + ଏୟ = ଗାଙ୍ଗେୟ (ଗଙ୍ଗାଙ୍କର ପୁଅ, ଭୀଷ୍ମ)

୫। ଧାତୁ କାହାକୁ କହନ୍ତି ? ଏହା କେତେ ପ୍ରକାର ଓ କ'ଣ କ'ଣ ଲେଖ ।

ଉ : କ୍ରିୟାର ମୂଳ ପିଣ୍ଡକୁ ଧାତୁ କହନ୍ତି । ଧାତୁରେ ପ୍ରତ୍ୟୟ ଯୋଗ କରାଗଲେ ଶବ୍ଦ ଗଠିତ ହୁଏ । ଆମ ଓଡ଼ିଆ ଭାଷାରେ ଦୁଇ ପ୍ରକାର ଧାତୁ ରହିଛି । (୧) ସଂସ୍କୃତ ଧାତୁ (୨) ଓଡ଼ିଆ ଧାତୁ ।

ସଂସ୍କୃତ ଧାତୁ + ପ୍ରତ୍ୟୟ = ଶବ୍ଦ
ପଠ୍ + ଅନ = ପଠନ
ପା + ଅନୀୟ = ପାନୀୟ
ଶ୍ରୁ + ଅନ = ଶ୍ରବଣ
ଦା + ଅନ = ଦାନ

ଓଡ଼ିଆ ଧାତୁ + ପ୍ରତ୍ୟୟ = ଶବ୍ଦ
ପଢ୍ + ଆ = ପଢ଼ା
ପି + ଆ = ପିଆ
ପି + ଇବ = ପିଇବ
ଶୁଣ୍ + ଉଛି = ଶୁଣୁଛି
ଦେ + ଆ= ଦିଆ
ନେ + ଆ = ନିଆ

Scanned with CamScanner

୬ । ଧାତୁରେ ପ୍ରତ୍ୟୟ ଯୋଗ କଲେ ରୂପରେ କି କି ପରିବର୍ତ୍ତନ ହୋଇଥାଏ, ଉଦାହରଣ ସହ ସଂକ୍ଷେପରେ ଆଲୋଚନା କର ।

ଉ : ଧାତୁରେ ବା ପ୍ରକୃତିରେ ପ୍ରତ୍ୟୟ ଯୋଗ କଲେ ନୂତନ ଶବ୍ଦରେ ପୂର୍ବ ଶବ୍ଦର ରୂପରେ ବା ପ୍ରତ୍ୟୟର ରୂପରେ କିଛି ପରିବର୍ତ୍ତନ ହୋଇଥାଏ । ଏହି ପରିବର୍ତ୍ତନ ୫ ପ୍ରକାର ।

(୧) ଆଦେଶ (୨) ଆଗମ (୩) ଗୁଣ (୪) ବୃଦ୍ଧି (୫) ଲୋପ

(୧) ଆଦେଶ – ପ୍ରତ୍ୟୟ ଯୋଗ କରାଯିବା ପରେ ଗୋଟିଏ ବର୍ଣ୍ଣ ବା ଅକ୍ଷର ପରିବର୍ତ୍ତେ ଆଉ ଗୋଟିଏ ବର୍ଣ୍ଣ ବା ଅକ୍ଷର ବସେ । ତାହାକୁ ଆଦେଶ କହନ୍ତି ।

ଉଦାହରଣ - ଲୀ + ତ = ଲୀନ ('ତ' ବଦଳରେ 'ନ' ଆଦେଶ ହେଲା)

ହନ୍ + ଅ = ବଧ (ହ ବଦଳରେ ବ, ନ୍ ବଦଳରେ ଧ ଆଦେଶ)

ହୀ + ତ = ହୀନ (ତ ସ୍ଥାନରେ ନ ଆଦେଶ)

ହନ୍ + ଅକ = ଘାତକ (ହନ୍ ସ୍ଥାନରେ ଘାତ୍ ଆଦେଶ)

(୨) ଆଗମ – ପ୍ରତ୍ୟୟ ଯୁକ୍ତ ହେବା ପରେ ବର୍ଣ୍ଣ ସମୀପରେ ଗୋଟିଏ ନୂତନ ବର୍ଣ୍ଣର ଆଗମନ ହେଲେ ତାକୁ 'ଆଗମ' କହନ୍ତି ।

ଉଦାହରଣ - କୃ + ଯ = କୃତ୍ୟ (ତ୍‌ର ଆଗମ)

ଭୃ + ଯ = ଭୃତ୍ୟ (ତ୍‌ର ଆଗମ)

ବଶ + ବଦ୍ + ଅ = ବଶଂବଦ (ଶ ପରେ ମ ର ଆଗମ)

(୩) ଗୁଣ – ଧାତୁରେ ଥିବା 'ଇ', 'ଈ' ସ୍ଥାନରେ 'ଏ', 'ଉ', 'ଊ' ସ୍ଥାନରେ 'ଓ', 'ର' ସ୍ଥାନରେ ଅର୍ ହେବାକୁ ଗୁଣ କୁହାଯାଏ ।

ଉଦାହରଣ– ବିଦ୍ + ଅ = ବେଦ (ବିଦ୍‌ର 'ଇ' ସ୍ଥାନରେ 'ଏ' ଗୁଣ ହୋଇଛି)

ବୃ + ଅନ = ବରଣ ('ର' ସ୍ଥାନରେ 'ଅର୍' ଗୁଣ ହୋଇଛି)

ନୀ + ଅନ = ନୟନ (ନୀ -ନେରେ ପରିଣତ ଈ ସ୍ଥାନରେ 'ଏ')

ଭୂ + ଅନ୍= ଭବନ (ଊ ସ୍ଥାନରେ ଓ = ଭୋ + ଅନ)

(୪) ବୃଦ୍ଧି – ଧାତୁରେ ଥିବା 'ଅ' ସ୍ଥାନରେ 'ଆ', 'ଇ', 'ଈ' ସ୍ଥାନରେ 'ଐ', 'ଉ', 'ଊ' ସ୍ଥାନରେ 'ଔ' , ର ସ୍ଥାନରେ ଆର ହେବାକୁ ବୃଦ୍ଧି କହନ୍ତି ।

ପଚ୍ + ଅକ = ପାଚକ (ଅ ସ୍ଥାନରେ ଆ)

ଜି + ଜ = ଜୈତ୍ର (ଇ ସ୍ଥାନରେ ଐ)

ନୀ + ଅକ = ନାୟକ (ଈ ସ୍ଥାନରେ ଐ, ଐ+ସ୍ୱରବର୍ଣ୍ଣ = ଆୟ)

କୃ + ଯ = କାର୍ଯ୍ୟ (ର ସ୍ଥାନରେ ଆୟ)

(୫) ପ୍ରତ୍ୟୟ ଯୋଗରେ କୌଣସି ବର୍ଣ୍ଣ ଅଦୃଶ୍ୟ ହେବାକୁ ଲୋପ କହନ୍ତି ।

ଉଦାହରଣ– ମନ୍ + ତ = ମତ (ନ୍‌ର ଲୋପ)

ଦୁଃଖ + ଦା + ଅ = ଦୁଃଖଦ ('ଦା'ର 'ଆ' ଲୋପ)

ଗମ୍ + ତି = ଗତି (ମ ର ଲୋପ)

୭ । ନିମ୍ନଲିଖିତ ଶବ୍ଦରେ କେଉଁ ପ୍ରତ୍ୟୟ କେଉଁ ଅର୍ଥରେ ହୋଇଛି ଲେଖ ।

ପ୍ରଶ୍ନ	ଉତ୍ତର
କଂସାରି	କଂସା + (ବ୍ୟବସାୟ ଅର୍ଥରେ) ଆରି
ଜମିଦାର	ଜମି + (ଅଧିକାର ଅର୍ଥରେ) ଦାର
ପାନରା	ପାନ + (ବ୍ୟବସାୟ ଅର୍ଥରେ) ରା
ଗାଈଆଳ	ଗାଈ + (ବୃତ୍ତି ଅର୍ଥରେ) ଆଳ

Scanned with CamScanner

ପାଠୁଆ	ପାଠ + (ଅଛି ଅର୍ଥରେ) ଉଆ
ମିଛୁଆ	ମିଛ + (ଅଭ୍ୟାସ ଅର୍ଥରେ) ଉଆ
ଖଟିଆ	ଖଟ + (କ୍ଷୁଦ୍ର ଅର୍ଥରେ) ଇଆ
କଟକିଆ	କଟକ + (ବାସ କରିବା ଅର୍ଥରେ) ଇଆ
ଘଣ୍ଟି	ଘଣ୍ଟ + (କ୍ଷୁଦ୍ର ଅର୍ଥରେ) ଇ
ହରିଆ	ହରି + (ଅନାଦର ଅର୍ଥରେ) ଇଆ
ଭସ୍ମୀଭୂତ	ଭସ୍ମ + (ପୂର୍ବରୁ ହୋଇନଥିଲା, ଏବେ ହେଲା ଅର୍ଥରେ) ଚ୍ୱି +ଭୂତ
ସମୀକରଣ	ସମ + (ପୂର୍ବରୁ ହୋଇନଥିଲା, ଏବେ ହେଲା ଅର୍ଥରେ) ଚ୍ୱି + କରଣ
ସୌଜନ୍ୟ	ସୁଜନ + (ଭାବ ଅର୍ଥରେ) ଯ
ଯଶସ୍ୱୀ	ଯଶ + (ଅଛି ଅର୍ଥରେ) ବିନ୍
କୌନ୍ତେୟ	କୁନ୍ତୀ + (ଅପତ୍ୟ ଅର୍ଥରେ) ଏୟ
ବାସୁଦେବ	ବସୁଦେବ + (ଅପତ୍ୟ ଅର୍ଥରେ) ଅ
ପାର୍ଥ	ପୃଥା + (ଅପତ୍ୟ ଅର୍ଥରେ) ଅ
ବୈଜ୍ଞାନିକ	ବିଜ୍ଞାନ + (ଜାଣିବା ଅର୍ଥରେ) ଇକ
ପଙ୍କିଳ	ପଙ୍କ + (ଅଛି ଅର୍ଥରେ) ଇଳ
ଉତ୍କଳୀୟ	ଉତ୍କଳ + (ଜାତ ଅର୍ଥରେ) ଈୟ
ଶାରୀରିକ	ଶରୀର + (ସମ୍ବନ୍ଧ ଅର୍ଥରେ) ଇକ
ବାଳକ	ବାଳ + (ସ୍ୱାର୍ଥରେ) କ
ଭାଦ୍ର	ଭଦ୍ରା + (ଯୁକ୍ତ ଅର୍ଥରେ) ଅ

୫. ଅନେକାର୍ଥକ ଶବ୍ଦ, ପ୍ରତିଶବ୍ଦ, ବିପରୀତାର୍ଥବୋଧକ ଶବ୍ଦ

୧ । ନିମ୍ନଲିଖିତ ଶବ୍ଦଗୁଡ଼ିକୁ କେଉଁ କେଉଁ ଅର୍ଥରେ ବ୍ୟବହାର କରାଯାଇଥାଏ ଲେଖ ।

ଶବ୍ଦ	ଅନେକାର୍ଥରେ ପ୍ରୟୋଗ
ଅଙ୍କ –	ସଂଖ୍ୟା, କୋଳ, ନାଟକର ବିଭାଗ, ରେଖା
ଅଜା –	ମାଇଛେଳି, ମାଆଙ୍କର ବାପା
କର –	ହସ୍ତ, ଖଜଣା, କିରଣ, ହାତୀ ଶୁଣ୍ଢ, ସଂଜ୍ଞା ବିଶେଷ
କଟକ –	ନଗର, ସେନାଛାଉଣୀ, ଦୁର୍ଗ
ଦଣ୍ଡ –	ଶାସ୍ତି, ଠେଙ୍ଗା, ସମୟର ପରିମାଣ
ଦ୍ୱିଜ –	ପକ୍ଷୀ, ଦନ୍ତ, ଅଣ୍ଡଜ ପ୍ରାଣୀ, ବ୍ରାହ୍ମଣ
ପକ୍ଷ –	ସହାୟ, ଡେଣା, ପାର୍ଶ୍ୱ, ମାସାର୍ଦ୍ଧ
ବର –	ଶ୍ରେଷ୍ଠ, ଜାମାତା, ପତି, ଆଶୀର୍ବାଦ
ଭୂତ –	ଅତୀତ, ପ୍ରାଣୀ, ପ୍ରେତାତ୍ମା
ରାଗ –	କ୍ରୋଧ, କଟୁ, ଅନୁରକ୍ତ, ରଙ୍ଗ

Scanned with CamScanner

୨ । ନିମ୍ନଲିଖିତ ଶବ୍ଦଗୁଡ଼ିକର ୪ଟି ପ୍ରତିଶବ୍ଦ ଲେଖ ।

ଜଳ – ନୀର, ଅମ୍ବୁ, ପୟ, ଜୀବନ

ସମୁଦ୍ର – ନୀରଧି, ଅମ୍ବୁଧି, ବାରିଧି, ସିନ୍ଧୁ

ମେଘ – ନୀରଦ, ଜଳଦ, ଅମ୍ବୁଦ, ପୟୋଦ

ସୂର୍ଯ୍ୟ – ରବି, ଦିବାକର, ଦିନବନ୍ଧୁ, ଆଦିତ୍ୟ

ପଦ୍ମ – ପଙ୍କଜ, ବାରିଦ, ସରୋଜ, ନୀରଜ

୩ । ବିପରୀତାର୍ଥବୋଧକ ଶବ୍ଦ ଲେଖ ।

ଅଗ୍ର – ମୂଳ	ଆଦାନ – ପ୍ରଦାନ	ତୁଷ୍ଟ – ରୁଷ୍ଟ
ଅଧିକ – ଅନଧିକ, ଉଣା	ଆବିର୍ଭାବ – ତିରୋଭାବ	ଧନୀ – ନିର୍ଦ୍ଧନ
ଅନୁକୂଳ – ପ୍ରତିକୂଳ	ଆବାହନ – ବିସର୍ଜନ	ନିଦା – ପୋଲା
ଅନୁରାଗ – ବିରାଗ	ଇଷ୍ଟ – ଅନିଷ୍ଟ	ପକ୍ଷପାତ – ନିରପେକ୍ଷ/ନିଷ୍ପକ୍ଷପାତ
ଅନୁଗ୍ରହ – ନିଗ୍ରହ	ଉପଚୟ – ଅପଚୟ	ପ୍ରସନ୍ନ – ବିଷଣ୍ଣ
ଅପେକ୍ଷା – ଉପେକ୍ଷା	ଉଠାଣି – ଗଡ଼ାଣି	ପ୍ରାଚୀନ –ଅର୍ବାଚୀନ/ନବୀନ
ଅନୁରକ୍ତ – ବିରକ୍ତ	କପଟ – ସାରଲ୍ୟ	ରୋଗ – ନିରୋଗ
ଅସଲ – ନକଲ	କୃପଣ – ବଦାନ୍ୟ	ସାମ୍ୟ – ବୈଷମ୍ୟ
ଅପାୟ – ଉପାୟ	କୋମଳ – କଠିନ	ହ୍ରାସ – ବୃଦ୍ଧି
ଆସ୍ତିକ –ନାସ୍ତିକ	ଜ୍ୱଳନ୍ତ – ନିର୍ବାପିତ	

୬. ରୂଢ଼ି ପ୍ରୟୋଗ

୧ । ରୂଢ଼ି କାହାକୁ କହନ୍ତି ? ଏହା କେତେ ପ୍ରକାର ଓ କ'ଣ କ'ଣ ? ପ୍ରତ୍ୟେକ ପ୍ରକାରରୁ ୧୦ଟି ଲେଖାଏଁ ଉଦାହରଣ ଦିଅ ।

ଉ : କୌଣସି ବାକ୍ୟାଂଶ ବା ଖଣ୍ଡବାକ୍ୟ ମୂଳ ଅର୍ଥକୁ ପ୍ରକାଶ ନ କରି ଏକ ବିଶିଷ୍ଟ ଅର୍ଥରେ ବ୍ୟବହୃତ ହେଲେ ତାହାକୁ ରୂଢ଼ି ପ୍ରୟୋଗ କହନ୍ତି । ରୂଢ଼ି ପ୍ରୟୋଗ ୩ ପ୍ରକାର –

(୧) କ୍ରିୟାହୀନ ରୂଢ଼ି (୨) କ୍ରିୟାଯୁକ୍ତ ରୂଢ଼ି (୩) ତୁଳନାତ୍ମକ ରୂଢ଼ି

(୧) କ୍ରିୟାହୀନ ରୂଢ଼ି :

ରୂଢ଼ି	ଅର୍ଥ	ପ୍ରୟୋଗ
(i) ଅସିଆ କାଳର ମସିଆ –	ଅତି ପୁରୁଣା	ଅସିଆ କାଳର ମସିଆ କଥା ଶୁଣି ଲାଭ କ'ଣ ?
(ii) ଅତି ଭକ୍ତି ଚୋରର ଲକ୍ଷଣ –	ଅତି ସଚ୍ଚୋଟ ଦେଖାଇ ହେଉଥିବା ବ୍ୟକ୍ତି ସ୍ୱାର୍ଥକୁ ଦେଖି କାମ କରିବା	ଆଜିକାଲି ଦୁର୍ନୀତିଗ୍ରସ୍ତ ଲୋକମାନେ ଦୁର୍ନୀତି ବିରୋଧରେ ଗଳା ଫଟାଇ ଭାଷଣ ଝାଡୁଛନ୍ତି । ଏହା ଅତିଭକ୍ତି ଚୋରର ଲକ୍ଷଣ ନୁହେଁ ତ ଆଉ କ'ଣ ?
(iii) ଅନ୍ଧ ବୁଝାମଣା –	ଅନ୍ୟାୟ ବିଚାର	ଗଣତନ୍ତ୍ର ଶାସନରେ ରାଜ ରାଜୁଡ଼ା ଅମଳର ଅନ୍ଧ ବୁଝାମଣା ଆଉ ନାହିଁ ।
(iv) ଅରଣ୍ୟ ରୋଦନ –	ନିଷ୍ଫଳ ପ୍ରାର୍ଥନା	ତାଙ୍କ କବ୍‌ଜାକୁ ଯାହା ଗଲାଣି, ତାକୁ ପାଇବା କ'ଣ ସହଜ ହେବ ? ତାଙ୍କୁ କହିବା ଅର୍ଥ ଅରଣ୍ୟ ରୋଦନ କରିବା ।

Scanned with CamScanner

(v) ଓଳିଆରୁ ଗଜା –	ଜନ୍ମରୁ ସିଆଣା	ଆଜିକାଲି ପିଲା ପରା ଓଳିଆରୁ ଗଜା । ତାଙ୍କୁ ତାଙ୍କୁ କ'ଣ ଶିଖାଇବ ।
(vi) ଅଲଣା କଥା –	ମୂଲ୍ୟହୀନ କଥା	ତୁମର ସେହି ଅଲଗା କଥା ଶୁଣିବାକୁ ମୋର ବେଳ ନାହିଁ ।
(vii) ହାତ ବାରିସି –	ଯାହା ସାହାଯ୍ୟରେ କାର୍ଯ୍ୟ ହାସଲ କରି ହୁଏ ।	ସେ ପିଲାଟି ମୋର ହାତ ବାରିସି । ତାକୁ ଛାଡ଼ିଲେ ମୁଁ ଚଳିପାରିବି ନାହିଁ ।
(viii) କୁମ୍ଭୀର କାନ୍ଦଣା	ଉପର ଠାଉରିଆ ସହାନୁଭୂତି	ସରକାର କୃଷକମାନଙ୍କ ପାଇଁ ଖାଲି ଦୁଃଖ କରୁଛନ୍ତି । ଏହା କୁମ୍ଭୀର କାନ୍ଦଣା ଛଡ଼ା ଆଉ କ'ଣ ହୋଇପାରେ ?
(ix) ଗୋବର ଗଣେଶ	ବୁଦ୍ଧିହୀନ	ଏ ଲୋକଟା ଗୋଟିଏ ଗୋବର ଗଣେଶ । ତାଦ୍ୱାରା କିଛି ହେବ ନାହିଁ ।
(x) ବକ ଧାର୍ମିକ	ଠକ	ଆଜିକାଲି ବକ ଧାର୍ମିକ / ବିରାଡି ବୈଷ୍ଣବଙ୍କ ସଂଖ୍ୟା ବେଶି ।

(୨) କ୍ରିୟାଯୁକ୍ତ ରୂଢ଼ି	ଅର୍ଥ	ପ୍ରୟୋଗ
(i) ଅଠା ବୋଳିବା	ଅନ୍ୟ ମୁଣ୍ଡରେ ଦୋଷ ଲଦିବା	ନିଜେ ଦୋଷ କରି ଅନ୍ୟ ମୁଣ୍ଡରେ ଅଠା ବୋଳିବା ଲୋକଙ୍କର ଅଭ୍ୟାସ ।
(ii) ଆଖି ରଖିବା	ନଜର ରଖିବା	ମୋ ବ୍ୟାଗ୍ ଉପରେ ଟିକିଏ ଆଖି ରଖିଥାଅ । ମୁଁ ସଙ୍ଗେ ସଙ୍ଗେ ଆସୁଛି ।
(iii) ଆଖି ଦେଖେଇବା	ଡରେଇବା	ତୁମେ ଆଖି ଦେଖେଇଲେ ମୁଁ ଡରିଯିବି ନାହିଁ ।
(iv) ଆଖି ବୁଜିବା	ମୃତ୍ୟୁ ହେବା	ବୁଢ଼ାଟା ଆଖି ବୁଜିବା ଦିନୁ ଘରଟି ଭାଙ୍ଗିଗଲା ।
(v) ଉଷୁନା ଧାନ ଗଜା ହେବା	ଅସମ୍ଭବ ସମ୍ଭବ ହେବା	ଉଷୁନା ଧାନ ଗଜା ହୋଇବ ନା ଦିବ୍ୟ ସିଂହ ଦେବ ରଜା ହୋଇବ ?
(vi) କଙ୍କଡ଼ାକୁ ଗୋଳି ପାଣି ସୁହାଇବା	ମନ୍ଦ ଲୋକ ଖରାପ ପରିବେଶରୁ ଫାଇଦା ଉଠାଇବା	ଗାଆଁ ଟାଉଟରମାନେ ଗାଆଁକୁ ଦଳ ଦଳ କରି ରଖି ଫାଇଦା ମାରୁଛନ୍ତି । କଙ୍କଡ଼ାକୁ ଗୋଳି ପାଣି ସୁହାଏ ।
(vii) କପାଳ ଫାଟିବା	ସର୍ବନାଶ ହେବା	୧୯୯୯ ମହାବାତ୍ୟାରେ ଏରସମାବାସୀଙ୍କର କପାଳ ଫାଟିଲା । ତାଙ୍କ ଦୁଃଖ ଦେଖି ହେବ ନାହିଁ ।
(viii) କାନରେ ହାତ ଦେବା	ଆଶ୍ଚର୍ଯ୍ୟ ହେବା	ଆଜିକାଲି ଯାହାସବୁ ଘଟୁଛି ଶୁଣିଲେ କାନରେ ହାତଦେବ ।
(ix) ତିଳକୁ ତାଳ କରିବା	ଛୋଟ କଥାକୁ ବଡ଼ କରିବା	ତିଳକୁ ତାଳ କରିବା ବନ୍ଧୁଙ୍କର ଅଭ୍ୟାସ ।
(x) ଦାନାରେ ଧୂଳି ଦେବା	ବୃତ୍ତିକୁ ଉଚ୍ଛେଦ କରିବା	ଯାହା ହେଲେ ମଧ୍ୟ କାହାର ଦାନାରେ ଧୂଳିଦେବା ଉଚିତ ନୁହେଁ ।

Scanned with CamScanner

(୩) ତୁଳନାତ୍ମକ ରୂଢ଼ି -

କ୍ରିୟାଯୁକ୍ତ ରୂଢ଼ି	ଅର୍ଥ	ପ୍ରୟୋଗ
(i) ଏଣୁଆ ପରି ମୁଣ୍ଡ ଟୁଙ୍ଗାରିବା	କିଛି ନ ବୁଝି ନ ଶୁଝି ସମ୍ମତି ଜଣାଇବା	ଆରେ କ'ଣ ବୁଝିଛୁ ନା ନାହିଁ । ଖାଲି ଏଣୁଅ ପରି ମୁଣ୍ଡ ଟୁଙ୍ଗାରୁଛୁ କ'ଣ ?
(ii) ଖୁଣ୍ଟା ପରି ଠିଆହେବା	କିଛି କାମ ନ କରି ଖାଲି ଠିଆ ହୋଇ ରହିବା	କାମଟା କରିବୁ ତ କର, ନ ହେଲେ ନାହିଁ, ଏମିତି ଖୁଣ୍ଟା ପରି ଠିଆ ହୋଇଛୁ କାହିଁକି ?
(iii) ବରଡ଼ା ପତ୍ରପରି ଥରିବା	ଭୟରେ ଛାନିଆ ହୋଇ ଥରିବା	ଚୋରଟି ପୋଲିସ୍ ପାଖରେ ବରଡ଼ା ପତ୍ର ପରି ଥରୁଛି ।
(iv) ଢିଙ୍କି ପରି ପଡି ରହିବା	କିଛି କାମ ନ କରି ରହିବା	ଏତେ ବଡ଼ ପିଲା ହେଲୁଣି । ଚାକିରି ବାକିରି ଖୋଜୁନୁ । ଢିଙ୍କି ପରି ପଡ଼ି ରହିଲେ କ'ଣ ହେବ ?
(v) ଜୋକ ପରି ଲାଗିବା	କାମ ହାସଲ କଲା ପର୍ଯ୍ୟନ୍ତ ଲାଗି ରହିବା ।	ଗୋଲୋକବାବୁ କାମ କରାଇବାକୁ ଜୋକ ପରି ଲାଗି ରହିଥିବେ ।
(vi) ବାଘ ପରି ଆସିବା	ଭୟଙ୍କର ରୂପ ଧାରଣ କରି ଆସିବା	ମାଘ ମାସରେ ବାଘ ପରି ଶୀତ ମାଡ଼ି ଆସୁଛି ।

ଅତିକ୍ଷୁଦ୍ର ତଥା ବସ୍ତୁନିଷ୍ଠ ପ୍ରଶ୍ନ

(ପ୍ରତ୍ୟେକ ପ୍ରଶ୍ନର ମୂଲ୍ୟାଙ୍କ ୧ ନମ୍ବର)

୧. ଧ୍ୱନି ଓ ଲିପି, ମାତ୍ରା, ଫଳା

୧ । ବନ୍ଧନୀ ମଧ୍ୟରୁ ଉପଯୁକ୍ତ ଶବ୍ଦ ଲଗାଇ ଶୂନ୍ୟସ୍ଥାନ ପୂରଣ କର ।

(i) ଭାଷାର ସର୍ବନିମ୍ନ ଏକକକୁ ______ କହନ୍ତି ।

(ii) ଧ୍ୱନିର ସାଙ୍କେତିକ ରୂପକୁ ______ କୁହାଯାଏ ।

(iii) ଧ୍ୱନିକୁ ପ୍ରତିନିଧିତ୍ୱ କରୁଥିବା ଲିପିକୁ ______ କୁହାଯାଏ ।

(iv) ସ୍ୱରବର୍ଣ୍ଣର ସାଙ୍କେତିକ ରୂପକୁ ______ କୁହାଯାଏ ।

(v) ବ୍ୟଞ୍ଜନ ବର୍ଣ୍ଣର ସାଙ୍କେତିକ ରୂପକୁ ______ କୁହାଯାଏ ।

(ମାତ୍ରା, ଧ୍ୱନି, ଫଳା, ଲିପି, ବର୍ଣ୍ଣ)

ଉ : (i) ଧ୍ୱନି (ii) ଲିପି (iii) ବର୍ଣ୍ଣ (iv) ମାତ୍ରା (v) ଫଳା ।

୨ । ପ୍ରତ୍ୟେକ ଉତ୍ତର ଗୋଟିଏ ବାକ୍ୟରେ ଲେଖ ।

(i) ମନର ଭାବକୁ ଲୁଚାଇବାରୁ ଭାଷାର ସୃଷ୍ଟି ହୋଇଛି – ଏକଥା କିଏ କହିଥିଲେ ?

ଉ : ଅଷ୍ଟ୍ରେଲିଆର ପୂର୍ବତନ ପ୍ରଧାନମନ୍ତ୍ରୀ ମାଟର୍ନିକ ।

(ii) ଭାଷା କାହାକୁ କହନ୍ତି ?

ଉ : ମଣିଷ ମୁଖରୁ ପ୍ରକାଶିତ ପଦ୍ଧତିବଦ୍ଧ ଧ୍ୱନି ବା ଧ୍ୱନି ସମୂହକୁ ଭାଷା କହନ୍ତି ।

(iii) ଭାଷା ପ୍ରକାଶିତ ହେବା ପାଇଁ କେତୋଟି ରୂପ ଗ୍ରହଣ କରିଥାଏ ଓ କ'ଣ କ'ଣ ?

ଉ : ଦୁଇଟି ରୂପ ଗ୍ରହଣ କରିଥାଏ ।
(କ) କଥିତ ରୂପ (ଖ) ଲିଖିତ ରୂପ ।

(iv) ଧ୍ୱନିର ଲିଖିତ ରୂପକୁ କ'ଣ କୁହାଯାଏ ?

ଉ : ଲିପି ବା ବର୍ଣ୍ଣ ।

(v) ସ୍ୱର ବର୍ଣ୍ଣ କାହାକୁ କୁହାଯାଏ ?

ଉ : ଯେଉଁ ବର୍ଣ୍ଣ ଅନ୍ୟର ସାହାଯ୍ୟ ନ ନେଇ ଆପେ ଆପେ ଉଚ୍ଚାରିତ ହୁଅନ୍ତି ।

(vi) ବ୍ୟଞ୍ଜନ ବର୍ଣ୍ଣ କାହାକୁ କୁହାଯାଏ ?

ଉ : ଯେଉଁ ବର୍ଣ୍ଣ ସ୍ୱର ବର୍ଣ୍ଣର ସାହାଯ୍ୟରେ ଉଚ୍ଚାରିତ ହୋଇଥାଏ ।

୩ । ଉତ୍ତର ଦିଅ ।

(i) ଓଡ଼ିଆ ଭାଷାରେ କେତୋଟି ସ୍ୱର ଧ୍ୱନି ରହିଛି ?

ଉ : ଓଡ଼ିଆ ଭାଷାରେ ୧୧ଟି ସ୍ୱର ଧ୍ୱନି ରହିଛି ।

Scanned with CamScanner

(ii) ବର୍ଗ୍ୟ ବ୍ୟଞ୍ଜନ କେତୋଟି ?

ଉ : ବର୍ଗ୍ୟ ବ୍ୟଞ୍ଜନ ୨୫ଟି ।

(iii) ବର୍ଗ୍ୟ ବ୍ୟଞ୍ଜନକୁ କେତେ ଭାଗରେ ବିଭକ୍ତ କରାଯାଏ ?

ଉ : ବର୍ଗ୍ୟ ବ୍ୟଞ୍ଜନକୁ ୫ ଭାଗରେ ବିଭକ୍ତ କରାଯାଏ ।

(iv) ବର୍ଗ୍ୟ ବ୍ୟଞ୍ଜନକୁ ବିଭାଗୀକରଣ କାହିଁକି କରାଯାଇଛି ?

ଉ : ବର୍ଗ୍ୟ ବ୍ୟଞ୍ଜନକୁ ଉଚ୍ଚାରଣ ସ୍ଥାନ ଅନୁସାରେ ବିଭାଗୀକରଣ କରାଯାଇଛି ।

(v) ବର୍ଗ୍ୟ ବ୍ୟଞ୍ଜନ କେତେ ଭାଗରେ ବିଭକ୍ତ ? ଉଦାହରଣ ସହ ଲେଖ ।

ଉ : ବର୍ଗ୍ୟ ବ୍ୟଞ୍ଜନ ୫ ଭାଗରେ ବିଭକ୍ତ ।

(କ) କଣ୍ଠ୍ୟ - କ, ଖ, ଗ, ଘ, ଙ

(ଖ) ତାଲବ୍ୟ- ଚ, ଛ, ଜ, ଝ, ଞ

(ଗ) ମୂର୍ଦ୍ଧଣ୍ୟ- ଟ, ଠ, ଡ, ଢ, ଣ

(ଘ) ଦନ୍ତ - ତ, ଥ, ଦ, ଧ, ନ

(ଙ) ଓଷ୍ଠ୍ୟ- ପ, ଫ, ବ, ଭ ମ

୪ । **ଏକପଦରେ ପ୍ରକାଶ କର ।**

(i) ନାସିକା ମଧ୍ୟ ଦେଇ ବାହାରୁଥିବା ଧ୍ୱନି ।

ଉ : ନାସିକା ଧ୍ୱନି/ ଅନୁନାସିକ ଧ୍ୱନି ।

(ii) ନିଜେ ନିଜେ ଉଚ୍ଚାରିତ ହେଉଥିବା ଧ୍ୱନି ।

ଉ : ସ୍ୱର ଧ୍ୱନି/ସ୍ୱର ବର୍ଣ୍ଣ ।

(iii) ଉଚ୍ଚାରଣ ବେଳେ ଅନ୍ତର୍ମୁଖୀ ହେଉଥିବା ସ୍ୱର ।

ଉ : ଅର୍ଦ୍ଧ ସ୍ୱର

(iv) ନିଜେ ଧ୍ୱନି ସୃଷ୍ଟି ନ କରି ସ୍ୱର ବା ବ୍ୟଞ୍ଜନ ସହିତ ମିଶି ପ୍ରଭାବିତ କରୁଥିବା ବର୍ଣ୍ଣ ।

ଉ : ଅଯୋଗବାହୀ

(v) ଉଚ୍ଚାରଣ ବେଳେ ଅଧିକ ପବନ ଶକ୍ତି ଆବଶ୍ୟକ କରୁଥିବା ଧ୍ୱନି ।

ଉ : ମହାପ୍ରାଣ

୫ । **ଉତ୍ତର ଲେଖ ।**

(i) 'ଋ' ର ଉଚ୍ଚାରଣ (ର୍ + ଉ), କିନ୍ତୁ ଏହା କାହିଁକି ସ୍ୱରବର୍ଣ୍ଣରେ ଗଣାଯାଏ ?

ଉ : 'ଋ' ସ୍ୱରବର୍ଣ୍ଣରେ ଅନ୍ତର୍ଭୁକ୍ତ ।

ଏହାର ଉଚ୍ଚାରଣ ଅନ୍ତର୍ମୁଖୀ । (ର୍ + ଉ) ବ୍ୟଞ୍ଜନ ବର୍ଣ୍ଣ ପରି ଉଚ୍ଚାରିତ ହେଲେ ମଧ୍ୟ ବ୍ୟଞ୍ଜନ ବର୍ଣ୍ଣ ଯେପରି ସ୍ୱର ବର୍ଣ୍ଣର ମାତ୍ରା ରୂପ ଗ୍ରହଣ କରେ, 'ଋ' କୌଣସି ସ୍ୱରର ମାତ୍ରା ରୂପ ଗ୍ରହଣ କରେ ନାହିଁ । ବରଂ ତାହାର ମାତ୍ରା ରୂପ (ୃ) କୁ ଅନ୍ୟ ବ୍ୟଞ୍ଜନ ଗ୍ରହଣ କରେ । ସମାସରେ ଏହା ସ୍ୱରବର୍ଣ୍ଣ ଓ ବ୍ୟଞ୍ଜନବର୍ଣ୍ଣ ପରି ରୂପ ନିଏ; ଯଥା- ଅରଣୀ, ଅନୃଣୀ ।

(ii) 'ୟ'ର ଉଚ୍ଚାରଣ (ଇ + ଅ) 'ୱ'ର ଉଚ୍ଚାରଣ (ଉ + ଅ)

ଏ ଉଭୟ ସ୍ୱରବର୍ଣ୍ଣ ପରି ଉଚ୍ଚାରିତ ହୁଏ, କିନ୍ତୁ ଏ ଦୁଇଟିକୁ ବ୍ୟଞ୍ଜନ ବର୍ଣ୍ଣ ଭିତରେ କାହିଁକି ରଖାଯାଏ ?

ଉ : ୟ ଏବଂ ୱ – ଏ ଦୁଇଟି ଅର୍ଦ୍ଧ ସ୍ୱର । କାରଣ ସ୍ୱର ବର୍ଣ୍ଣ ପରି ଉଚ୍ଚାରିତ (ଇ + ଅ), (ଉ + ଅ) ବ୍ୟଞ୍ଜନ ବର୍ଣ୍ଣ ସ୍ୱରର ମାତ୍ରା ଗ୍ରହଣ କଲାପରି ୟ ଏବଂ ୱ ମାତ୍ରା ଗ୍ରହଣ କରନ୍ତି, ଯଥା -ୱାରେଣ୍ଟ, ବାୟା ।

(ଯେଉଁ ବର୍ଣ୍ଣ ମାତ୍ରାରୂପ (ସ୍ୱରର ସାଙ୍କେତିକ ଚିହ୍ନ) ନିଏ ନାହିଁ ତାହା ସ୍ୱରବର୍ଣ୍ଣ । ଯେଉଁ ବର୍ଣ୍ଣ ମାତ୍ରା ରୂପ ଗ୍ରହଣ କରେ, ତାହା ବ୍ୟଞ୍ଜନ ବର୍ଣ୍ଣ । ଏହି ନିୟମ ଅନୁସାରେ ଋ ସ୍ୱରବର୍ଣ୍ଣ, ୟ ଏବଂ ୱ ବ୍ୟଞ୍ଜନ ବର୍ଣ୍ଣ ।)

(iii) ଂ (ଅନୁସ୍ୱାର), ଃ (ବିସର୍ଗ), ଁ (ଚନ୍ଦ୍ର ବିନ୍ଦୁ) – ଏଗୁଡ଼ିକୁ ବ୍ୟଞ୍ଜନ ବର୍ଣ୍ଣରେ ରଖାଯାଇଛି କାହିଁକି ?

ଉ : ଅନୁସ୍ୱାର, ବିସର୍ଗ, ଚନ୍ଦ୍ରବିନ୍ଦୁ ନିଜେ ଉଚ୍ଚାରିତ ହୁଅନ୍ତି ନାହିଁ । ସ୍ୱର ବା ବ୍ୟଞ୍ଜନ ବର୍ଣ୍ଣ ସହିତ ମିଶି ଉଚ୍ଚାରିତ ହୁଅନ୍ତି । ତେଣୁ ଏଗୁଡ଼ିକ ଅଯୋଗବାହୀ ବର୍ଣ୍ଣ ।

ବ୍ୟଞ୍ଜନ ଧ୍ୱନିକୁ ଅନୁନାସିକ କରିବାକୁ ଅନୁସ୍ୱାରର ପ୍ରୟୋଗ । ପୂର୍ବରୁ ସ୍ୱର ଧ୍ୱନି ନ ଥିଲେ ଏହାର ପ୍ରୟୋଗ ନାହିଁ ।

ଯଥା – କଂ = (କ୍ + ଅ + ଂ) (କ୍ + ଂ) ଏପରି ହେବ ନାହିଁ ।

ସ୍ୱର ଧ୍ୱନିକୁ ମହାପ୍ରାଣ କରିବାକୁ ବିସର୍ଗ ବ୍ୟବହାର କରାଯାଏ । ଓଃ, ସ୍ୱତଃ (ତ୍ + ଅ + ଃ) । ସ୍ୱର ଧ୍ୱନିକୁ ଅନୁନାସିକ କରିବା ପାଇଁ ଚନ୍ଦ୍ରବିନ୍ଦୁର ପ୍ରୟୋଗ । ଉଁ, ଏଁ, କେଁ (କ୍ + ଏ + ଁ)

(iv) ଶ– କୁ ତାଲବ୍ୟ ଶ କାହିଁକି କୁହାଯାଏ ?

ଉ : ଶ - ତାଳୁରୁ ଉଚ୍ଚାରିତ ।

(v) ଷ - କୁ ମୂର୍ଦ୍ଧଣ୍ୟ ଷ କାହିଁକି କୁହାଯାଏ ?

ଉ : ଷ– ମୂର୍ଦ୍ଧନାରୁ ଉଚ୍ଚାରିତ ।

(vi) ସ – କୁ ଦନ୍ତ୍ୟ ସ କାହିଁକି କୁହାଯାଏ ?

ଉ : ସ – ଦନ୍ତରୁ ଉଚ୍ଚାରିତ ।

(vii) ଜ୍ଞ – କେଉଁ କେଉଁ ବର୍ଣ୍ଣ ମିଶି ହୋଇଛି ?

ଉ : ଜ୍ଞ = ଜ୍ + ଞ ।

Scanned with CamScanner

୨. ଶବ୍ଦ

୧ । ସଂକ୍ଷେପରେ ଉତ୍ତର ଦିଅ ।

(i) ଶବ୍ଦ କାହାକୁ କହନ୍ତି ? ଉଦାହରଣ ସହ ଲେଖ ।

ଉ : ଅର୍ଥ ପ୍ରକାଶ କରୁଥିବା ଗୋଟିଏ ବର୍ଣ୍ଣ ବା ବର୍ଣ୍ଣର ସମଷ୍ଟିକୁ ଶବ୍ଦ କହନ୍ତି । ଆ, ଯା, ଖା, ରାମ, ଗଛ, କରତ, ଭରତ ଇତ୍ୟାଦି ।

(ii) ଶବ୍ଦ କେତେ ପ୍ରକାର ଓ କ'ଣ କ'ଣ ?

ଉ : ଶବ୍ଦ ୨ ପ୍ରକାର । (କ) ମୌଳିକ ଶବ୍ଦ ଓ ବ୍ୟୁତ୍ପନ୍ନ ଶବ୍ଦ ।

(iii) ମୌଳିକ ଶବ୍ଦ କାହାକୁ କହନ୍ତି, ଉଦାହରଣ ସହ ଲେଖ ।

ଉ : ଯେଉଁ ଶବ୍ଦଗୁଡ଼ିକ ଗୋଟିଏ ଏକକ (Unit) ଅର୍ଥାତ୍ ସେଥିରୁ ଗୋଟିଏ ଧ୍ୱନି ବା ବର୍ଣ୍ଣ କାଟି ଦେଲେ ତାହା ସେହି ପର୍ଯ୍ୟାୟବାଚୀ ଅର୍ଥ ପ୍ରକାଶ କରିବାକୁ ଅକ୍ଷମ ହୁଏ, ତାକୁ ମୌଳିକ ଶବ୍ଦ କହନ୍ତି ।

ଉଦାହରଣ - ଆଇ - ଏଥିରେ ଆମେ ଗୋଟିଏ ବର୍ଣ୍ଣ କାଟିରେ ହୁଏ 'ଆ' ବା 'ଇ' ହୋଇପାରେ । 'ଇ'ର ଅର୍ଥ କିଛି ନାହିଁ । 'ଆ'ର ଅର୍ଥ ଅଛି (ଆସ) । କିନ୍ତୁ ତାହା 'ଆଇ' ର ପର୍ଯ୍ୟାୟବାଚୀ ଅର୍ଥ ନୁହେଁ ।

(iv) ବ୍ୟୁତ୍ପନ୍ନ ଶବ୍ଦ କାହାକୁ କହନ୍ତି, ଉଦାହରଣ ସହ ଲେଖ ।

ଉ : ମୂଳ ଶବ୍ଦ ବା ଧାତୁରେ ପ୍ରତ୍ୟୟ ଯୋଗ କରି ନୂତନ ଶବ୍ଦ ଗଠନ କରାଗଲେ, ତାହାକୁ ବ୍ୟୁତ୍ପନ୍ନ ଶବ୍ଦ କହନ୍ତି ।

(v) ପ୍ରତ୍ୟୟ କେଉଁଠାରେ ଯୋଗ ହୁଏ ଓ ପ୍ରତ୍ୟୟର ସ୍ଥାନ କେଉଁଠାରେ ?

ଉଦାହରଣ - ପ୍ର + ବୀଣା= ପ୍ରବୀଣା,
ପାଠ + ଉଆ = ପାଠୁଆ ।

ଉ : ଶବ୍ଦ ବା ଧାତୁର ପୂର୍ବରୁ ଯୋଗ ହେଲେ ପୂର୍ବ ପ୍ରତ୍ୟୟ । ଉଦାହରଣ- ଆ + ଗମନ= ଆଗମନ । ଶବ୍ଦ ବା ଧାତୁର ପରେ ଯୋଗ ହେଲେ ପର ପ୍ରତ୍ୟୟ । ଉଦାହରଣ - ଗମ୍ + ଅନ = ଗମ, ବିଜ୍ଞାନ + ଇକ = ବୈଜ୍ଞାନିକ ।

୨ । ସଂକ୍ଷେପରେ ଉତ୍ତର ଦିଅ ।

(i) ଶବ୍ଦ କେତେ ପ୍ରକାର ଓ କ'ଣ କ'ଣ ?

ଉ : ଶବ୍ଦ ୪ ପ୍ରକାର (କ) ତତ୍ସମ (ଖ) ତଦ୍ଭବ (ଗ) ଦେଶଜ (ଘ) ବୈଦେଶିକ

(ii) ତତ୍ ଶବ୍ଦକୁ କେଉଁ ଅର୍ଥରେ ବ୍ୟବହାର କରାଯାଏ ?

ଉ : ତତ୍ ଶବ୍ଦକୁ ସଂସ୍କୃତ ଅର୍ଥରେ ବ୍ୟବହାର କରାଯାଉଛି ।

(iii) ତତ୍ସମ ଶବ୍ଦ କାହାକୁ କହନ୍ତି ଉଦାହରଣ ସହ ଲେଖ ।

ଉ : ସଂସ୍କୃତ ଭାଷାରେ କେତେକ ଶବ୍ଦ ଅବିକଳ ଭାବରେ ଓଡ଼ିଆ ଭାଷାରେ ବ୍ୟବହୃତ ହୋଇ ଆସୁଛି । ସେଗୁଡ଼ିକୁ ତତ୍ସମ ଶବ୍ଦ କହନ୍ତି । ତତ୍ସମ ଅର୍ଥାତ୍ ତାହା ସହିତ ସମାନ ଅର୍ଥାତ୍ ସଂସ୍କୃତ ସହିତ ସମାନ ।

ଉଦାହରଣ -	ସଂସ୍କୃତ	ଓଡ଼ିଆ
	ବୃକ୍ଷ	ବୃକ୍ଷ
	ଫଳ	ଫଳ
	ଜଳ	ଜଳ
	ମୂର୍ତ୍ତି	ମୂରତି

(iv) ତଦ୍ଭବ ଶବ୍ଦ କାହାକୁ କହନ୍ତି ଉଦାହରଣ ସହ ଲେଖ ।

ଉ : ଅନେକ ସଂସ୍କୃତ ଶବ୍ଦ କାଳକ୍ରମେ ରୂପାନ୍ତରିତ ହୋଇ ଓଡ଼ିଆ ଭାଷାରେ ବ୍ୟବହୃତ ହୋଇ ଆସୁଛି, ତାକୁ ତଦ୍ଭବ ଶବ୍ଦ କହନ୍ତି । ତଦ୍ଭବ ଅର୍ଥ ତହିଁରୁ ଜାତ ଅର୍ଥାତ୍ ସଂସ୍କୃତରୁ ଜାତ ।

ଉଦାହରଣ –	ସଂସ୍କୃତ	ଓଡ଼ିଆ
	ନଦୀ	ନଈ
	ହସ୍ତୀ	ହାତୀ
	କର୍ଣ୍ଣ	କାନ
	ହସ୍ତ	ହାତ ଇତ୍ୟାଦି

(v) ଦେଶଜ ଶବ୍ଦ କାହାକୁ କହନ୍ତି ଉଦାହରଣ ସହ ଲେଖ ।

ଉ : ଓଡ଼ିଆ ଭାଷାରେ ବ୍ୟବହୃତ କେତେକ ଶବ୍ଦ ସଂସ୍କୃତମୂଳକ ନୁହେଁ । ଏଗୁଡ଼ିକ ଏ ଦେଶର ଲୋକମାନଙ୍କ ମୁହଁରୁ ଆପେ ଆପେ ସୃଷ୍ଟି ହୋଇଛି । ଏ ଶବ୍ଦଗୁଡ଼ିକ ଏ ଦେଶରୁ ଉଦ୍ଭୂତ ହେଉଥିବାରୁ ସେଗୁଡ଼ିକୁ ଦେଶଜ ଶବ୍ଦ କହନ୍ତି ।

ଉଦାହରଣ – ଅଳିଆ, ଅଡ଼ା, ଏଣ୍ଡୁରି, କଣ୍ଢେଇ ଇତ୍ୟାଦି ।

(vi) ବୈଦେଶିକ ଶବ୍ଦ କାହାକୁ କହନ୍ତି ଉଦାହରଣ ସହ ଲେଖ ।

ଉ : ବୈଦେଶିକ ଶବ୍ଦ- ଶାସନ ସୂତ୍ରରେ ହେଉ ଅଥବା ବାଣିଜ୍ୟ ସୂତ୍ରରେ ହେଉ ଅଥବା ଦେଶ ଭ୍ରମଣ ବା ଦେଶାନ୍ତରୀ ସୂତ୍ରରେ ହେଉ କାଳକ୍ରମେ ଓଡ଼ିଶାର ଅଧିବାସୀମାନେ ବିଦେଶୀମାନଙ୍କର ସଂସ୍ପର୍ଶରେ ଆସିବା ଫଳରେ ସେମାନଙ୍କର ଭାଷାରେ ଶବ୍ଦ ଅନୁରୂପ ଭାବରେ ବା ସାମାନ୍ୟ ପରିବର୍ତ୍ତନ ରୂପରେ ଆମ ଭାଷାରେ ମିଶି ରହିଛି । **ଏହି ଜାତୀୟ ଶବ୍ଦକୁ ବୈଦେଶିକ ଶବ୍ଦ କହନ୍ତି ।**

Scanned with CamScanner

ଉଦାହରଣ – ଇଂରାଜୀରୁ – ଆଡ୍‌ଭୋକେଟ୍, ପୋଲିସ୍, ପୋଷ୍ଟ ଅଫିସ୍, ପେନ୍‌ସିଲ୍

ଆରବୀରୁ – ଅଇନା, ଅକ୍‌କଲ, ଅମିନ, ଇସ୍ତଫା

ପାରସୀରୁ – ଅଙ୍ଗୁର, ଆମଦାନୀ, କରଜ, ଖଜଣା

ତୁର୍କୀରୁ – ଗାଲିଚା, କୁଲି, ତୋପ, ବନ୍ଧୁକ

ପର୍ତ୍ତୁଗୀଜରୁ – ଆଚାର, କୋବି, ନିଲାମ, ଇସ୍ତ୍ରି ଇତ୍ୟାଦି

୩ । **ନିମ୍ନଲିଖିତ ଶବ୍ଦଗୁଡ଼ିକରୁ କିଏ କି ପ୍ରକାର ଶବ୍ଦ ଦେଖାଅ ।**

ଶବ୍ଦ – ଚେୟାର, ପିଅନ, ବୋତାମ, କିରାଣି, ଉଆସ, ପୁସ୍ତକ, ପାଣି, କୁଟା

ଉ : ଚେୟାର – ବୈଦେଶିକ | ଉଆସ – ତଦ୍ଭବ

ପିଅନ – ବୈଦେଶିକ | ପୁସ୍ତକ – ତତ୍ସମ

ବୋତାମ – ବୈଦେଶିକ | ପାଣି – ଦେଶଜ

କିରାଣି – ବୈଦେଶିକ | କୁଟା – ଦେଶଜ

୩. ପଦ ପ୍ରକରଣ

୧ । **ସଂକ୍ଷେପରେ ଉତ୍ତର ଲେଖ ।**

(i) ଶବ୍ଦ କାହାକୁ କହନ୍ତି ?

(ii) ପଦ କାହାକୁ କହନ୍ତି ?

(iii) ଶବ୍ଦ ଓ ପଦ ମଧ୍ୟରେ ପାର୍ଥକ୍ୟ କ'ଣ ?

(iv) ପଦ କେତେ ପ୍ରକାର ଓ କ'ଣ କ'ଣ ?

(v) ନିମ୍ନଲିଖିତ ଶବ୍ଦଗୁଡ଼ିକୁ ପଦରେ ପରିଣତ କର ।

(କ) ଗଛ (ଖ) ମାଛ (ଗ) ନୀଳ (ଘ) ଭୋଜନ

ଉ :(i) ଏକ ବା ଏକାଧିକ ବର୍ଣ୍ଣ ମିଶି କୌଣସି ଅର୍ଥ ପ୍ରକାଶ କଲେ, ତାକୁ ଶବ୍ଦ କହନ୍ତି ।

(ii) ଶବ୍ଦ ବାକ୍ୟରେ ବ୍ୟବହୃତ ହେଲେ ତାକୁ ପଦ କହନ୍ତି । (କିମ୍ବା ବାକ୍ୟର ପ୍ରତ୍ୟେକ ଅଂଶ ଗୋଟିଏ ଗୋଟିଏ ପଦ)

(iii) ବାକ୍ୟରେ ବ୍ୟବହୃତ ହେଲେ ଶବ୍ଦ ପଦ ହୁଏ । ବାକ୍ୟରେ ବ୍ୟବହୃତ ହୋଇ ନ ଥିଲେ ତାହା ଶବ୍ଦ ହୋଇ ରହେ ।

(iv) ପଦ ୫ ପ୍ରକାର ।

(କ) ବିଶେଷ୍ୟ (ଖ) ବିଶେଷଣ (ଗ) ସର୍ବନାମ

(ଘ) ଅବ୍ୟୟ (ଙ) କ୍ରିୟା

(v) (କ) ଗଛ - ଶବ୍ଦ | ଗଛ ଲଗାଅ - ପଦ

(ଖ) ମାଛ - ଶବ୍ଦ | ମାଛ ପାଣିରେ ପହଁରେ – ପଦ

(ଗ) ନୀଳ - ଶବ୍ଦ | ନୀଳ ଆକାଶରେ ଚଢ଼େଇଟି ଉଡ଼ୁଅଛି – ପଦ

(ଘ) ଭୋଜନ - ଶବ୍ଦ | ଭୋଜନ ପ୍ରସ୍ତୁତ ହୋଇଗଲାଣି – ପଦ

ତୁମେ ଭୋଜନ କର – ପଦ

୨ । **ପଦ କାହାକୁ କହନ୍ତି ଲେଖି ପ୍ରତ୍ୟେକରୁ ଦୁଇଟି ଲେଖାଏଁ ଉଦାହରଣ ଦିଅ ।**

(i) ବିଶେଷ୍ୟ ପଦ (ii) ବିଶେଷଣ ପଦ

(iii) ସର୍ବନାମ ପଦ (iv) ଅବ୍ୟୟ ପଦ

(v) କ୍ରିୟାପଦ

ଉ : (i) **ବିଶେଷ୍ୟ ପଦ** – ଯେଉଁ ପଦ କୌଣସି ନାମକୁ ବୁଝାଏ ତାକୁ ବିଶେଷ୍ୟ ପଦ କହନ୍ତି । ଏହି ନାମ କୌଣସି ବ୍ୟକ୍ତି, ସ୍ଥାନ ଇତ୍ୟାଦିର ହୋଇପାରେ କିମ୍ବା କୌଣସି ଜାତିର, ବସ୍ତୁର, ଗୁଣର ବା କ୍ରିୟାର ନାମ ହୋଇପାରେ । (କିମ୍ବା ଯେଉଁ ପଦ କୌଣସି ନିର୍ଦ୍ଦିଷ୍ଟ ବ୍ୟକ୍ତି, ବସ୍ତୁ, ଜାତି, ଗୁଣ ବା କ୍ରିୟାର ନାମକୁ ବୁଝାଏ ତାକୁ ବିଶେଷ୍ୟ ପଦ କହନ୍ତି ।)

ଉଦାହରଣ – ରାମ, ଭାରତ, ଗାଈ, ଘୋଡ଼ା, ଲୁହା, ସୁନା, ସାଧୁତା, ମଧୁରତା, ରନ୍ଧନ, ଯିବା ଇତ୍ୟାଦି ।

(ii) **ବିଶେଷଣ ପଦ** – ଯେଉଁ ପଦ ବିଶେଷ୍ୟର ଗୁଣ, ଅବସ୍ଥା, ସଂଖ୍ୟା ବା ପରିମାଣକୁ ବୁଝାଏ ତାକୁ ବିଶେଷଣ ପଦ କହନ୍ତି ।

ଉଦାହରଣ – ନୀଳ, ସୁନ୍ଦର, ବୁଢ଼ା, ପାଞ୍ଚ, ସାତ, ସେରେ, କିଲେ ଇତ୍ୟାଦି ।

(iii) **ସର୍ବନାମ ପଦ** – ଯେଉଁ ପଦ ବିଶେଷ୍ୟ ପଦ ପରିବର୍ତ୍ତେ ବ୍ୟବହୃତ ହୁଏ ତାକୁ ସର୍ବନାମ ପଦ କହନ୍ତି । ଯଥା – ମୁଁ, ସେ, ତୁମେ ଇତ୍ୟାଦି ।

(iv) **ଅବ୍ୟୟ ପଦ** – ଯେଉଁ ପଦ ଲିଙ୍ଗ, ବଚନ, ପୁରୁଷ, କାଳ, ବିଭକ୍ତି ଭେଦରେ ବଦଳେ ନାହିଁ ତାକୁ ଅବ୍ୟୟ ପଦ କହନ୍ତି ।

ଯଥା – ଓ, ଏବଂ, ତଥାପି, ପୁନଃ

(v) **କ୍ରିୟା ପଦ** – ଯେଉଁ ପଦରୁ କୌଣସି କାର୍ଯ୍ୟ ହୋଇଥିବା, କାର୍ଯ୍ୟ ହେଉଥିବା ବା କାର୍ଯ୍ୟ ହେବାକୁ ଥିବା ଜଣାଯାଏ ତାକୁ କ୍ରିୟାପଦ କହନ୍ତି ।

ଉଦାହରଣ – ହରି ଗାଁକୁ ଗଲା । ମୁଁ ଭାତ ଖାଉଛି । ସେ ବହି ପଢ଼ିବ ।

Scanned with CamScanner

୩ । ପ୍ରଭେଦ ଦର୍ଶାଅ ।

(i) ଜାତିବାଚକ ଓ ବସ୍ତୁବାଚକ ବିଶେଷ୍ୟ

(ii) କ୍ରିୟା ଓ କ୍ରିୟାବାଚକ ବିଶେଷ୍ୟ

(iii) ସଂଯୋଜକ ଅବ୍ୟୟ ଓ ବିଯୋଜକ ଅବ୍ୟୟ

(iv) ଶବ୍ଦ ବିଭକ୍ତି ଓ କ୍ରିୟା ବିଭକ୍ତି

(v) ସକର୍ମକ କ୍ରିୟା ଓ ଅକର୍ମକ କ୍ରିୟା

(vi) ବିଧେୟ ବିଶେଷଣ ଓ ବିଶେଷ୍ୟର ବିଶେଷଣ

(vii) ସମାପିକା ଓ ଅସମାପିକା କ୍ରିୟା

ଉ :(i) ଯେଉଁ ବିଶେଷ୍ୟ ପଦ କୌଣସି ନିର୍ଦ୍ଦିଷ୍ଟ ଜାତିର ନାମକୁ ବୁଝାଏ ତାକୁ ଜାତିବାଚକ ବିଶେଷ୍ୟ କହନ୍ତି; ଯଥା : ଗାଈ - ଏହା ଗୋଟିଏ ଗାଈକୁ ନ ବୁଝାଇ ସବୁ ଗାଈକୁ ବୁଝାଏ ।

- ଯେଉଁ ବିଶେଷ୍ୟ ପଦ କୌଣସି ବସ୍ତୁ ବା ପଦାର୍ଥର ନାମକୁ ବୁଝାଏ ତାକୁ ବସ୍ତୁବାଚକ ବିଶେଷ୍ୟ କହନ୍ତି; ଯଥା : – ଲୁହା, ସୁନା, ପଥର ଇତ୍ୟାଦି ।
- ପ୍ରଭେଦ ଏହି ଯେ ବସ୍ତୁବାଚକ ବିଶେଷ୍ୟ ପଦର ବସ୍ତୁକୁ ଭାଗ ଭାଗ କଲେ ବା ତା'ର ଯେ କୌଣସି ଅଂଶ ସେହି ବସ୍ତୁର ନାମକୁ ପ୍ରକାଶ କରେ । କିନ୍ତୁ ଜାତିବାଚକ ପଦ ଗୋଟିଏ ଜାତିକୁ ବୁଝାଏ ।

ଉଦାହରଣ – କବାଟ କାଠରେ ତିଆରି । କବାଟକୁ ଭାଙ୍ଗିଲେ ତା'ର ଅଂଶକୁ କବାଟ କୁହାଯିବ ନାହିଁ । ତାହା ହେବ କାଠ ।

ମୁଦି - ଜାତି ବାଚକ । କାରଣ ବିଭିନ୍ନ ପ୍ରକାରର ମୁଦିଗୁଡ଼ିକୁ ପ୍ରକାଶ କରେ । ମୁଦି ଭାଙ୍ଗିଲେ ଭଗ୍ନ ଅଂଶ ସୁନା ବା ରୁପା ବା ତମ୍ବା ଇତ୍ୟାଦି ବସ୍ତୁର ନାମକୁ ପ୍ରକାଶ କରିବ ।

(ii) କ୍ରିୟା – ଧାତୁରେ କାଳ ସୂଚକ, ବଚନ ସୂଚକ, ପୁରୁଷ ସୂଚକ ବିଭକ୍ତି ଯୋଗ କରାଯାଇ ଗଠିତ ହୁଏ । ସେ ଯାଉଛି । 'ଯା' ଧାତୁରେ ବର୍ତ୍ତମାନ କାଳ ପାଇଁ ଉଚ୍, ୩ୟ ପୁରୁଷ ଏକ ବଚନ ପାଇଁ 'ଇ' ବିଭକ୍ତି ଯୋଗ ହୋଇଛି ।

କ୍ରିୟା ବାଚକ ବିଶେଷ୍ୟ - ଯେଉଁ ବିଶେଷ୍ୟପଦ କ୍ରିୟା ବା କାର୍ଯ୍ୟର ନାମକୁ ବୁଝାଏ ତାକୁ କ୍ରିୟା ବାଚକ ବିଶେଷ୍ୟ କହନ୍ତି । ଭୋଜନ, ଶୟନ, ରନ୍ଧନ, ଯିବା ଆସିବା ଇତ୍ୟାଦି ।

କ୍ରିୟାବାଚକ ବିଶେଷ୍ୟରେ ଶବ୍ଦ ବିଭକ୍ତିର ଚିହ୍ନ ଯୋଗ ହୁଏ ।

ରନ୍ଧନକୁ ଡର କାହିଁକି । ଶୟନରେ ଲାଭ କ'ଣ ?

ସେ ପାଠ ପଢ଼ି ଖେଳିବାକୁ ଯାଉଛି ।

ପଢ଼ି - ଅସମାପିକା କ୍ରିୟା ବିଭକ୍ତି (ପଢ୍ + ଇ) ଯୋଗରେ ଗଠିତ ।

ଯାଉଛି - ସମାପିକା କ୍ରିୟା ବିଭକ୍ତି (ଯା + ଉଚ୍ + ଇ) ଏବଂ କାଳ ଓ ବଚନ, ପୁରୁଷ ସୂଚକ ବିଭକ୍ତି ଯୋଗରେ ଗଠିତ ।

ଖେଳିବାକୁ – ଖେଳିବା – କ୍ରିୟାବାଚକ ବିଶେଷ ପଦ ସହିତ ୪ର୍ଥୀ ବିଭକ୍ତିର ଚିହ୍ନକୁ ଯୋଗ ହୋଇଛି ।

(iii) ସଂଯୋଜକ ଅବ୍ୟୟ – ଯେଉଁ ଅବ୍ୟୟ ପଦ ଦୁଇଟି ଶବ୍ଦ ବା ଦୁଇଟି ବାକ୍ୟକୁ ଯୋଗ କରିଥାଏ ।

ଯଥା – ରାମ ଓ ଶ୍ୟାମ ଖେଳୁଛନ୍ତି ।

ମୁଁ ସ୍କୁଲକୁ ଗଲି ଏବଂ ମଧ୍ୟାହ୍ନ ଭୋଜନ ଖାଇଲି ।

ବିଯୋଜକ ଅବ୍ୟୟ – ଯେଉଁ ପଦ ଦୁଇଟି ପଦ ବା ବାକ୍ୟକୁ ବିଯୋଜନ କରେ ତାକୁ ବିଯୋଜକ ଅବ୍ୟୟ କହନ୍ତି ।

ରାମ କିମ୍ବା ହରି କେହି ଆସି ନାହାନ୍ତି ।

ମୁଁ ପୁରୀ ଗଲି ଅଥଚ ଜଗନ୍ନାଥଙ୍କୁ ଦର୍ଶନ କରିପାରିଲି ନାହିଁ ।

(iv) ଶବ୍ଦ ବିଭକ୍ତି ଓ କ୍ରିୟା ବିଭକ୍ତି ।

ଶବ୍ଦ ବିଭକ୍ତି ଶବ୍ଦରେ ଲାଗି ପଦରେ ପରିଣତ ହୁଏ ।

କ୍ରିୟା ବିଭକ୍ତି ଧାତୁରେ ଲାଗି କ୍ରିୟାପଦରେ ପରିଣତ ହୁଏ ।

ଉଦାହରଣ – ପିଲାଟି ଖେଳୁଛି ।

ପିଲାଟି = ପିଲା - ଏହି ଶବ୍ଦରେ ବିଭକ୍ତି ଟି ଲାଗିଛି । ପିଲାଟି ଗୋଟିଏ ପଦ ।

ଖେଳୁଛି = ଖେଳ୍ ଧାତୁ-ରେ ଉଚ୍ ଓ ଇ ପ୍ରତ୍ୟୟ ଯୋଗ ହୋଇ ଖେଳୁଛି ଗୋଟିଏ ପଦ ହୋଇଛି ।

ପିଲାଟି - ଏଥିରୁ ଜଣାଯାଉଛି ଏହା କର୍ତ୍ତୃକାରକ, ୧ମା ବିଭକ୍ତି ।

ବାକ୍ୟର ଉଦ୍ଦେଶ୍ୟ, ତାହା ବିଷୟରେ କିଛି କୁହାଯାଉଛି ।

ଖେଳୁଛି – ଏଥିରୁ ଜଣାଯାଉଛି । ଏହା କ୍ରିୟାପଦ । 'ପିଲାଟି' ଉଦ୍ଦେଶ୍ୟର ବିଷୟରେ କିଛି କୁହାଯାଉଛି । ବର୍ତ୍ତମାନ କାଳ ୩ୟ ପୁରୁଷ ଏକ ବଚନର କ୍ରିୟା ।

(v) ସକର୍ମକ କ୍ରିୟା–ଯେଉଁ କ୍ରିୟାର କର୍ମ ଥାଏ ବା କର୍ମ ଉହ୍ୟ ଥାଏ ତାକୁ ସକର୍ମକ କ୍ରିୟା କହନ୍ତି ।

ଯଥା– ସୀତା ପଢୁଛି ।

ସୀତା ବହି ପଢୁଛି ।

ପଢୁଛି ସକର୍ମକ କ୍ରିୟା । ୧ମ ବାକ୍ୟରେ 'ବହି' କର୍ମ ଉହ୍ୟ ଅଛି ।

ସୀତା ପଢୁଛି – କ'ଣ ପଢୁଛି ?

ଯାହା ପଢୁଛି ତାହା କର୍ମ ।

Scanned with CamScanner

ଅକର୍ମକ କ୍ରିୟା –ଯେଉଁ କ୍ରିୟାର କର୍ମ ନ ଥାଏ ତାହା ଅକର୍ମକ କ୍ରିୟା ।

ପିଲାଟି କାନ୍ଦୁଛି । କାନ୍ଦୁଛି - ଅକର୍ମକ କ୍ରିୟା ।

କ'ଣ କାନ୍ଦୁଛି ? ଏହାର ଅର୍ଥ କିଛି ନାହିଁ ।

ସେ ଶେଯରେ ହୋଇଛି । ଶୋଇଛି – ଅକର୍ମକ କ୍ରିୟା ।

(vi) **ବିଧେୟ ବିଶେଷଣ** –ବାକ୍ୟର ସମାପ୍ତି ପାଇଁ ବିଶେଷଣ ପଦ ବିଶେଷ୍ୟ ପଦର ପରେ ବିଧେୟ ଅଂଶରେ ଲାଗିଥାଏ ।

ବହିଟି ଚିରା । ବହିଟି ଉଦ୍ଦେଶ୍ୟ, ଚିରା - ବିଶେଷଣ ।

ଏହା ବିଧେୟ ବିଶେଷଣ ।

ବିଶେଷ୍ୟର ବିଶେଷଣ – ଯେଉଁ ବିଶେଷଣ ପଦ ବିଶେଷ୍ୟ ପଦର ପୂର୍ବରୁ ବ୍ୟବହୃତ ହୁଏ, ତାକୁ ବିଶେଷ୍ୟର ବିଶେଷଣ କହନ୍ତି ।

ଚିରା ବହିଟି ଆଣ । ବହି – ବିଶେଷ୍ୟ । ଚିରା ବହିର ଅବସ୍ଥାକୁ ସୂଚିତ କରୁଛି ଓ ତାହା ପୂର୍ବରୁ ବ୍ୟବହୃତ ।

(vii) **ସମାପିକା କ୍ରିୟା** – ଯେଉଁ କ୍ରିୟାଦ୍ୱାରା ବାକ୍ୟର ସମାପ୍ତି ସୂଚନା ମିଳେ ତାକୁ ମାପିକା କ୍ରିୟା କହନ୍ତି । ସମାପିକା କ୍ରିୟା କର୍ତ୍ତାର ଅଧୀନ । କର୍ତ୍ତା ବଦଳିଲେ ସମାପିକା କ୍ରିୟାର ରୂପ ବଦଳେ । ଏଥିରେ କାଳ, ବଚନ, ପୁରୁଷ ସୂଚକ ବିଭକ୍ତି ଯୋଗ ହୋଇଥାଏ ।

ଅସମାପିକା କ୍ରିୟା – ଯେଉଁ କ୍ରିୟାଦ୍ୱାରା ବାକ୍ୟର ସମାପ୍ତି ବୁଝାଯାଏ ନାହିଁ ତାକୁ ଅସମାପିକା କ୍ରିୟା କହନ୍ତି । କର୍ତ୍ତା ବଦଳିଲେ ମଧ୍ୟ ସମାପିକା କ୍ରିୟାର ରୂପ ବଦଳେ ନାହିଁ । ସମାପିକା କ୍ରିୟା ଓ ଅସମାପିକା କ୍ରିୟା ଉଭୟର କର୍ତ୍ତା ଏକ ହୋଇଥାଏ ।

ହରି ଭାତ ଖାଇ ସ୍କୁଲକୁ ଗଲା ।

ଖାଇ - ଅସମାପିକା କ୍ରିୟା । ଗଲା - ସମାପିକା କ୍ରିୟା ।

ସ୍ୱାଭାବିକ ଓଡ଼ିଆ ଲେଖାଶୈଳୀରେ ସମାପିକା କ୍ରିୟା ବାକ୍ୟର ଶେଷରେ ବ୍ୟବହୃତ ହୋଇଥାଏ ।

୪ । ଠିକ୍ ଉତ୍ତରଟି ବାଛି ଲେଖ ।

(i) କାଳୀଦାସଙ୍କୁ ଭାରତର ସେକ୍ସପିଅର କୁହାଯାଏ ।

ରେଖାଙ୍କିତ ପଦଟି କି ପଦ ?

(କ) ନାମବାଚକ ବିଶେଷ୍ୟ

(ଖ) ଜାତିବାଚକ ବିଶେଷ୍ୟ

(ଗ) ଗୁଣବାଚକ ବିଶେଷ୍ୟ

(ଘ) ବ୍ୟକ୍ତି ବାଚକ ବିଶେଷ୍ୟ

(ii) ୱାର୍ଡସୱାର୍ଥଙ୍କୁ ଇଂଲଣ୍ଡର କାଳୀଦାସ କୁହାଯାଏ ।

ରେଖାଙ୍କିତ ପଦଟି କି ପଦ ?

(କ) ନାମବାଚକ ବିଶେଷ୍ୟ

(ଖ) କ୍ରିୟା ବାଚକ ବିଶେଷ୍ୟ

(ଗ) ଗୁଣବାଚକ ବିଶେଷ୍ୟ

(ଘ) ଜାତି ବାଚକ ବିଶେଷ୍ୟ

(iii) ଗଲାଣି ତ ଗଲା କଥାରେ ସଙ୍ଗାତ ।

ଏହି ବାକ୍ୟରେ ଗଲାଣି କି ପଦ ?

(କ) ବିଶେଷ୍ୟ ପଦ (ଖ) ବିଶେଷଣ ପଦ

(ଗ) କ୍ରିୟାପଦ (ଘ) ଅବ୍ୟୟ ପଦ

(iv) ଗଲାଣି ତ ଗଲା କଥା ରେ ସଙ୍ଗାତ ଗଲାଣି ତ ଗଲା କଥା ।

ଗଲା – ଏହା କି ପଦ ?

(କ) ବିଶେଷ୍ୟ ପଦ (ଖ) ବିଶେଷଣ ପଦ

(ଗ) ଅବ୍ୟୟ ପଦ (ଘ) କ୍ରିୟା ପଦ

(v) ଗଲାଣି ତ ଗଲା କଥା ରେ ସଙ୍ଗାତ ।

ରେ - କି ପଦ ?

(କ) ବିଶେଷ୍ୟ ପଦ (ଖ) ବିଶେଷଣ ପଦ

(ଗ) ଅବ୍ୟୟ ପଦ (ଘ) କ୍ରିୟା ପଦ

ଉ : (i) (ଖ) ଜାତିବାଚକ ବିଶେଷ୍ୟ (ii) (କ) ନାମବାଚକ ବିଶେଷ୍ୟ (iii) (ଗ) କ୍ରିୟାପଦ (iv) (ଖ) ବିଶେଷଣ ପଦ (v) (ଗ) ଅବ୍ୟୟ ପଦ

୫ । ଠିକ୍ ଉତ୍ତରଟି ବାଛି ଲେଖ ।

(i) ତାଙ୍କେ ଆସି ନାହାନ୍ତି ।

ତାଙ୍କେ – ଏହା କି ପଦ ?

(କ) ବିଶେଷ୍ୟ (ଖ) ବିଶେଷଣ

(ଗ) ସର୍ବନାମ (ଘ) ଅବ୍ୟୟ

(ii) ଆମେ ପୁସ୍ତକ ପଠନ କଲୁ ।

ପଠନ – କଲୁ - କି କ୍ରିୟା ?

(କ) ଅସମାପିକା କ୍ରିୟା (ଖ) ଯୌଗିକ କ୍ରିୟା

(ଗ) ସଂଯୁକ୍ତ କ୍ରିୟା (ଘ) ମୌଳିକ କ୍ରିୟା

(iii) ନାହିଁ ମାମୁଠାରୁ କଣା ମାମୁ ଭଲ ।

ନାହିଁ – ଏହା କି ପଦ ?

(କ) ବିଶେଷ୍ୟ ପଦ (ଖ) ବିଶେଷଣ ପଦ

(ଗ) ଅବ୍ୟୟ ପଦ (ଘ) ସର୍ବନାମ ପଦ

(iv) ଖାଇଲା ପୁଅ ଝିଅ ରଙ୍କ ।

ଖାଇଲା – ଏହା କି ପଦ ।

(କ) କ୍ରିୟା ପଦ (ଖ) ବିଶେଷଣ ପଦ

(ଗ) ବିଶେଷ୍ୟ ପଦ (ଘ) ସର୍ବନାମ ପଦ

Scanned with CamScanner

(v) ପିଲାଟି ପଞ୍ଚମ ଶ୍ରେଣୀରେ ପଢୁଛି ।
ପଞ୍ଚମ – ଏହା କି ପଦ ?
(କ) ବିଶେଷଣ ର ବିଶେଷଣ
(ଖ) ବିଧେୟ ବିଶେଷଣ
(ଗ) ପୂରଣବାଚକ ବିଶେଷଣ
(ଘ) ସଂଖ୍ୟାବାଚକ ବିଶେଷଣ

ଉ : (i) (ଖ) ସର୍ବନାମ (ii) (ଗ) ସଂଯୁକ୍ତ କ୍ରିୟା
(iii) (ଖ) ବିଶେଷଣ ପଦ (iv) (ଖ) ବିଶେଷଣ ପଦ
(v) (ଗ) ପୂରଣବାଚକ ବିଶେଷଣ

୬ । ନିର୍ଦ୍ଦେଶ ଅନୁସାରେ ଉତ୍ତର ଲେଖ ।
(i) ଶିକ୍ଷକ ପିଲାକୁ ବାଡେଇ ଦଣ୍ଡ ପାଇଲେ । ରେଖାଙ୍କିତ ପଦଟି କି ପ୍ରକାର କ୍ରିୟା ବନ୍ଧନୀ ଭିତରୁ ବାଛ ।
(ସମାପିକା କ୍ରିୟା, ନାମଧାତୁ କ୍ରିୟା, ଅକର୍ମକ କ୍ରିୟା, ଯୌଗିକ କ୍ରିୟା)
(ii) ଇଚ୍ଛନ୍ତି ଦାମ୍ଭିକେ ହସ୍ତେ ରଖିବାକୁ
ଅନ୍ୟ ହସ୍ତ ଭାଗ୍ୟ ଡୋରି – ଇଚ୍ଛନ୍ତି – ଏହା କି ପ୍ରକାର କ୍ରିୟା ।
(ତତ୍ସମ, ତଦ୍ଭବ, ଦେଶଜ, ବୈଦେଶିକ)
(iii) ଶତକଡ଼ା ୨୫ ଭାଗ ସ୍ଥାନ ଘରୋଇ ବିଦ୍ୟାଳୟରେ ଗରିବ ପିଲାଙ୍କ ପାଇଁ ସଂରକ୍ଷିତ ।
ସଂରକ୍ଷିତ - ସ୍ଥାନରେ ସଂରକ୍ଷଣ ଲଗାଇ ବାକ୍ୟଟି ଲେଖ ।
(iv) ପଣ୍ଡିତେ ଛାତ୍ରକୁ ବ୍ୟାକରଣ ପଢ଼ାଇଲେ । – ପଢ଼ାଇଲେ କି ପ୍ରକାର କ୍ରିୟା ?
(ଅକର୍ମକ କ୍ରିୟା, ପ୍ରେରଣାର୍ଥକ କ୍ରିୟା, ଅସମାପିକା କ୍ରିୟା, ଯୌଗିକ କ୍ରିୟା)
(v) ବିଭକ୍ତି ଯୁକ୍ତ ହେଲେ କେଉଁ ପଦର ରୂପରେ ପରିବର୍ତ୍ତନ ଘଟେ ? ବନ୍ଧନୀ ମଧ୍ୟରୁ ବାଛ ।
(ବିଶେଷ୍ୟ ପଦ, ବିଶେଷଣ ପଦ, ସର୍ବନାମ ପଦ, ଅବ୍ୟୟ ପଦ)

ଉ : (i) ନାମ ଧାତୁ କ୍ରିୟା
(ii) ତତ୍ସମ କ୍ରିୟା
(iii) ଶତକଡ଼ା ୨୫ ଭାଗ ସ୍ଥାନ ଘରୋଇ ବିଦ୍ୟାଳୟରେ ଗରିବ ପିଲାଙ୍କ ପାଇଁ ସଂରକ୍ଷଣ କରାଯିବ ।
(iv) ପ୍ରେରଣାର୍ଥକ କ୍ରିୟା
(v) ସର୍ବନାମ ପଦ

୪. ଶବ୍ଦ ଗଠନ

୧ । ବନ୍ଧନୀ ମଧ୍ୟରୁ ଉପଯୁକ୍ତ ଶବ୍ଦ ଲଗାଇ ଶୂନ୍ୟସ୍ଥାନ ପୂରଣ କର ।
(i) କ୍ରିୟାର ମୂଳପିଣ୍ଡକୁ ——— କହନ୍ତି ।
(ii) ଧାତୁରେ ଉତ୍ତର ପ୍ରତ୍ୟୟ ଯୋଗ କରି ଯେଉଁ ଶବ୍ଦ ଗଢ଼ାଯାଏ ତାକୁ ——— କହନ୍ତି ।
(iii) ଶବ୍ଦରେ ପ୍ରତ୍ୟୟ ଯୋଗ କରି ଯେଉଁ ଶବ୍ଦ ଗଢ଼ାଯାଏ ତାକୁ ——— କହନ୍ତି ।
(iv) ଗୋଟିଏ ଶବ୍ଦର ପୂର୍ବରୁ ଯେଉଁ ଶବ୍ଦ ବସିଥାଏ ତାକୁ ——— କହନ୍ତି ।
(v) ଧାତୁ ପୂର୍ବରୁ ଯେଉଁ ପୂର୍ବ ପ୍ରତ୍ୟୟ ଲାଗେ ତାକୁ ——— କହନ୍ତି ।
(ଉପସର୍ଗ, ଧାତୁ, କୃଦନ୍ତ, ଉପପଦ, ତଦ୍ଧିତ)

ଉ : (i) ଧାତୁ (ii) କୃଦନ୍ତ (iii) ତଦ୍ଧିତ (iv) ଉପପଦ
(v) ଉପସର୍ଗ

୨ । ନିର୍ଦ୍ଦେଶାନୁସାରେ ଉତ୍ତର ଦିଅ ।
(i) ଉପସର୍ଗ ଲାଗିଲେ ଧାତୁର ଅର୍ଥ ବଦଳିଯାଏ – ୨ଟି ଉଦାହରଣ ଦିଅ ।
(ii) ଅତ୍ୟୁକ୍ତି – ଏଥିରେ ଥିବା ଉପସର୍ଗଟି କେଉଁ ଅର୍ଥରେ ବ୍ୟବହୃତ ?
(iii) ଧାତୁ ବା ଶବ୍ଦରେ ଯାହା ଯୋଗ କରାଯାଏ ତାକୁ କ'ଣ କହନ୍ତି ?
(iv) କୃତ ଅନ୍ତରେ ଯାହାର ଏକ ପଦ କଲେ କ'ଣ ହେବ ?
(v) ଉପସର୍ଗ କେତୋଟି ଓ କ'ଣ କ'ଣ ?

ଉ : (i) ହୃ ଧାତୁ = ଚୋରି କରିବା
ପ୍ର + ହୃ + ଅ = ପ୍ରହାର = ବାଡେଇବା
ବଦ୍ ଧାତୁ = କହିବା
ଅପ + ବଦ୍ + ଅ = ଅପବାଦ = ନିନ୍ଦା
(ii) ଆଧିକ୍ୟ ଅର୍ଥରେ
(iii) ପ୍ରତ୍ୟୟ
(iv) କୃଦନ୍ତ
(v) ଉପସର୍ଗ ୨୦ଟି ।
ପ୍ର, ପରା, ଅପ, ସମ୍, ନି, ଅଧି, ସୁ, ଉତ୍, ନିର୍, ପରି, ଅବ, ଅନୁ, ଦୁର୍, ବି, ଅଭି, ଅପି, ଉପ, ଆ, ଅତି, ପ୍ରତି ।

Scanned with CamScanner

୩ । ଉତ୍ତର ଲେଖ ।

(i) ପୂର୍ବ ପଦ ରୂପେ ବ୍ୟବହୃତ ହୋଇଥିବା ୫ଟି ଅବ୍ୟୟ ପଦ ଲେଖ ।

(ii) ଭୂଗୋଳ + ଇକ = ଶବ୍ଦଟି କ'ଣ ହେବ ?

(iii) ବିଜ୍ଞାନ – ଏହାର ପ୍ରକୃତି ପ୍ରତ୍ୟୟ ଲେଖ ।

(iv) ଉପସର୍ଗଗୁଡ଼ିକ କେଉଁ ପ୍ରକାର ପଦ ?

(v) ସଦୃଶ ଅର୍ଥରେ ଉପସର୍ଗ ଲଗାଇ ଗୋଟିଏ ଶବ୍ଦ ଲେଖ ।

ଉ : (i) ଅନ୍ତର, ବହିଃ, ପୁରସ୍, ତିରସ୍, ଆବିଃ (ii) ଭୌଗୋଳିକ (iii) ବି + ଜ୍ଞା + ଅନ (iv) ଅବ୍ୟୟ ପଦ (v) ଅନୁରୂପ (ରୂପର ସଦୃଶ)

୪ । ଉତ୍ତର ଦିଅ ।

(i) ଧାତୁ ଥିବା ଇ, ଈ ସ୍ଥାନରେ 'ଏ', ଉ, ଊ ସ୍ଥାନରେ 'ଓ' ହେବାକୁ କ'ଣ କହନ୍ତି ?

(ii) ଉ, ଊ, ସ୍ଥାନରେ ଔ, ଋ ସ୍ଥାନରେ 'ଆର୍' ହେବାକୁ କ'ଣ କହନ୍ତି ?

(iii) ଗମ୍ + ତ = ଗତ । ଏଥିରୁ କେଉଁ ବର୍ଣ୍ଣଟି ଲୋପ ପାଉଛି ।

(iv) ଲୀ ଧାତୁରେ 'ତ' ପ୍ରତ୍ୟୟ ଯୋଗ କଲେ ଶବ୍ଦଟି କ'ଣ ହେବ ?

(v) ଊଢ ଶବ୍ଦର ପ୍ରକୃତି ପ୍ରତ୍ୟୟ କଲେ କ'ଣ ହେବ ?

ଉ : (i) ଗୁଣ (ii) ବୃଦ୍ଧି (iii) ମ୍ (iv) ଲୀନ (v) ବହ୍+ତ

୫ । ଉତ୍ତର ଦିଅ ।

(i) ଦଶରଥ + ଇ = ଦାଶରଥି - 'ଇ' କେଉଁ ଅର୍ଥରେ ପ୍ରୟୋଗ ହୋଇଛି ?

(ii) ଅଛି ଅର୍ଥରେ ଇନ୍ ପ୍ରତ୍ୟୟ ଲଗାଇ ଗୋଟିଏ ଶବ୍ଦ ଲେଖ ।

(iii) ସମୟ + ଇକ = ଶବ୍ଦଟି କ'ଣ ହେବ ?

(iv) ଶାଗୁଆ – ଏଥିରେ 'ଉଆ' ପ୍ରତ୍ୟୟ କେଉଁ ଅର୍ଥରେ ହୋଇଛି ?

(v) ଜମିଦାର ଶବ୍ଦରେ ଥିବା ଦାର ପ୍ରତ୍ୟୟ କେଉଁ ଅର୍ଥରେ ହୋଇଛି ?

ଉ : (i) ଅପତ୍ୟ ଅର୍ଥରେ (ii) ଗୁଣ + ଇନ୍ (ଈ) = ଗୁଣୀ (iii) ସାମୟିକ (iv) ତୁଲ୍ୟ ଅର୍ଥରେ (v) ଅଧିକାର ଅର୍ଥରେ

୬ । ନିମ୍ନରେ ପ୍ରତ୍ୟେକ ଧାଡ଼ିରେ ଗୋଟିଏ ଲେଖାଏଁ ଭିନ୍ନ ଧରଣର ଶବ୍ଦ ଅଛି । ସେଗୁଡ଼ିକ ବାଛି ଲେଖ ।

(i) ରାଘବ, ରାବଣି, ସଂହାର, ପୌତ୍ର

(ii) ନୈଶ, ଦୈବ, ମୌନ, ଲୟ

(iii) ପରିଶ୍ରମୀ, ହିସାବୀ, କଟକୀ, ଦୋକାନୀ

(iv) ମାଡୁଆ, ପାଡୁଆ, ହାଡୁଆ, ଦାଢୁଆ

(v) ଦାଢ଼ିଆ, ଗଣ୍ଡିଆ, ଗେରୁଆ, ପଢ଼ା

ଉ : (i) ସଂହାର, (ii) ଲୟ, (iii) କଟକୀ, (iv) ମାଡୁଆ, (v) ପଢ଼ା

୫. ଅନେକାର୍ଥକ ଶବ୍ଦ, ପ୍ରତିଶବ୍ଦ, ବିପରୀତାର୍ଥବୋଧକ ଶବ୍ଦ

୧ । ନିମ୍ନଲିଖିତ ଶବ୍ଦଗୁଡ଼ିକୁ ୨ଟି ଲେଖାଏଁ ଅର୍ଥରେ ବ୍ୟବହାର କର ।

(i) ଅଙ୍କ (ii) କର (iii) ବର (iv) ରାଗ (v) ପକ୍ଷ

ଉ :(i) ଅଙ୍କ = ସଂଖ୍ୟା - ପାଞ୍ଚ ଅଙ୍କ ବିଶିଷ୍ଟ କ୍ଷୁଦ୍ରତମ ସଂଖ୍ୟାଟି କେତେ ?

ଅଙ୍କ = କୋଳ - ଅଙ୍କ ପଲଙ୍କରେ ବସି ଭାଷା ଲେଖୁଥିବରେ !

(ii) କର = ଖଜଣା - ଆଗ କାଳରେ ପ୍ରଜାମାନେ ଦୁଇ ପଞ୍ଚମାଂଶ କର ଦେଉଥିଲେ ।

କର = ହାତ - ରାଧା ଧରି ସଖୀ କର , ବୋଇଲେ ଆକଟ ଆଉ ନ କର ।

(iii) ବର = ଶ୍ରେଷ୍ଠ - ହେ ଋଷିବର, ମୁଁ ଆପଣଙ୍କୁ ପ୍ରାର୍ଥନା କରୁଛି ।

ବର = ସ୍ୱାମୀ - ବର କନ୍ୟାଙ୍କୁ ଆଶୀର୍ବାଦ କର ।

(iv) ରାଗ = ସଙ୍ଗୀତର ସ୍ୱର - ସେ ଚୋଖି ରାଗରେ ଗୀତ ଗାଇଲା ।

ରାଗ = କ୍ରୋଧ - ସେ ରାଗରେ ଗର ଗର ହେଉଛି ।

(v) ପକ୍ଷ = ମାସାର୍ଦ୍ଧ - ମାଘ ମାସ ଶୁକ୍ଳ ପକ୍ଷ ପଞ୍ଚମୀ ତିଥିରେ ସରସ୍ୱତୀ ପୂଜା ହୁଏ ।

ପକ୍ଷ = ଡେଣା - ବାଣୁଆର ବାଣରେ ଚଢ଼େଇ ପକ୍ଷ ଛେଦନ କଲା ।

ପ୍ରତିଶବ୍ଦ

ନିମ୍ନଲିଖିତ ଶବ୍ଦଗୁଡ଼ିକର ୨ଟି ଲେଖାଏଁ ପ୍ରତିଶବ୍ଦ ଲେଖ ।

(i) ଜଳ (ii) ସୂର୍ଯ୍ୟ (iii) ପୃଥିବୀ (iv) ସମୁଦ୍ର (v) ପଦ୍ମ

ଉ : (i) ଜଳ = ନୀର, ଅମ୍ବୁ (ii) ସୂର୍ଯ୍ୟ = ଦିନବନ୍ଧୁ, ଭାସ୍କର (iii) ପୃଥିବୀ = ଧରା, ଧରଣୀ (iv) ସମୁଦ୍ର = ବାରିଧି, ସାଗର (v) ପଦ୍ମ = ଅମ୍ବୁଜ, ସରୋଜ

Scanned with CamScanner

ବିପରୀତାର୍ଥବୋଧକ ଶବ୍ଦ

'କ' ସ୍ତମ୍ଭରେ ଶବ୍ଦ 'ଖ' ସ୍ତମ୍ଭରେ ସେଗୁଡ଼ିକର ବିପରୀତାର୍ଥ ବୋଧକ ଶବ୍ଦ ଅଛି । ମିଶାଇ ଲେଖ ।

'କ'	'ଖ'
ଅନୁକୂଳ	ବିରାଗ
ଅନୁରାଗ	ପ୍ରତିକୂଳ
ଇଷ୍ଟ	ଅନିଷ୍ଟ
ଆବିର୍ଭାବ	ତିରୋଭାବ
ଆସ୍ତିକ	ନାସ୍ତିକ
ସାମ୍ୟ	ବୈଷମ୍ୟ
ଅପଚୟ	ଉପଚୟ
	ନିରପେକ୍ଷ

ଉ :

'କ'	'ଖ'
ଅନୁକୂଳ	ପ୍ରତିକୂଳ
ଅନୁରାଗ	ବିରାଗ
ଇଷ୍ଟ	ଅନିଷ୍ଟ
ଆବିର୍ଭାବ	ତିରୋଭାବ / ତିରୋଧାନ
ଆସ୍ତିକ	ନାସ୍ତିକ
ସାମ୍ୟ	ବୈଷମ୍ୟ
ଅପଚୟ	ଉପଚୟ

୬. ରୂଢ଼ି ପ୍ରୟୋଗ

୧ । ସଂକ୍ଷେପରେ ଉତ୍ତର ଲେଖ ।

(i) ରୂଢ଼ି ପ୍ରୟୋଗ କାହାକୁ କହନ୍ତି ?

(ii) ରୂଢ଼ି କେତେ ପ୍ରକାର ଓ କ'ଣ କ'ଣ ?

ଉ :(i) କୌଣସି ବାକ୍ୟାଂଶ ବା ଖଣ୍ଡ ବାକ୍ୟ ମୂଳ ଅର୍ଥକୁ ଅତିକ୍ରମ କରି ଏକ ବିଶିଷ୍ଟ ଅର୍ଥରେ ବ୍ୟବହୃତ ହେଲେ ତାହାକୁ ରୂଢ଼ି ପ୍ରୟୋଗ କହନ୍ତି । ଉଦାହରଣ - ଆଖି ଦେଖାଇବା (ଡରାଇବା) ପିଲାମାନଙ୍କୁ ସବୁବେଳେ ଆଖି ଦେଖାଇବା ଉଚିତ ନୁହେଁ । (ଆଖି ଦେଖାଇବା - ଆକ୍ଷରିକ ଅର୍ଥ ନିଜର ଆଖିକୁ ଅନ୍ୟକୁ ଦେଖାଇବା; କିନ୍ତୁ ଏହାର ରୂଢ଼ି ପ୍ରୟୋଗ ଡରାହବା ଅର୍ଥରେ ବ୍ୟବହୃତ ।)

(ii) ରୂଢ଼ି ୩ ପ୍ରକାର । (କ) କ୍ରିୟା ହୀନ ରୂଢ଼ି (ଖ) କ୍ରିୟାଯୁକ୍ତ ରୂଢ଼ି (ଗ) ତୁଳନାତ୍ମକ ରୂଢ଼ି

ଉଦାହରଣ - କ୍ରିୟାହୀନ ରୂଢ଼ି - ଅନ୍ଧ ବୁଝାମଣା (ଅନ୍ୟାୟ ବିଚାର)

ଏଠି ତ <u>ଅନ୍ଧ ବୁଝାମଣା</u> ଚାଲିଛି, ମୁଁ କ'ଣ ନ୍ୟାୟ ଆଶା କରିବି ?

କ୍ରିୟାଯୁକ୍ତ ରୂଢ଼ି - ଅଠାକାଠିରେ ପଡ଼ିବା (ଅସୁବିଧାରେ ପଡ଼ିବା)

ମୁଁ ତ ଏବେ <u>ଅଠାକାଠିରେ ପଡ଼ିଯାଇଛି</u> । ଏଥିରୁ ସୁଧୁରିବା କଷ୍ଟ ।

ତୁଳନାତ୍ମକ ରୂଢ଼ି - ଖୁଣ୍ଟା ପରି ଠିଆ ହେବା (କିଛି କାମ ନ କରି ଖାଲିଟାରେ ନିଶ୍ଚଳ ଭାବରେ ଠିଆ ହେବା)

କିଛି ନ କରିବୁ ତ ନାହିଁ, କାହିଁକି <u>ଖୁଣ୍ଟା ପରି ଠିଆ ହୋଇଛୁ</u> ?

୨ । 'କ' ସ୍ତମ୍ଭରେ କେତେକ ରୂଢ଼ି ଓ 'କ' ସ୍ତମ୍ଭରେ ସେଗୁଡ଼ିକର ଅର୍ଥ ଦିଆଯାଇଛି । ଯେଉଁ ରୂଢ଼ିର ଯେଉଁ ଅର୍ଥ ବାଛି ଲେଖ ।

'କ'	'ଖ'
ଅରଣ୍ୟ ରୋଦନ	ବୁଦ୍ଧିହୀନ
ଓଳିଆରୁ ଗଜା	ଘୋର ଶତ୍ରୁତା
ଗୋବର ଗଣେଶ	କଷ୍ଟସାଧ
ଅହିନକୁଳ ସମ୍ପର୍କ	ଠକ
କାଠିକର ପାଠ	ନିଷ୍ଫଳ ପାର୍ଥନା
ବଣ ବିଛୁଆତି	ଜନ୍ମରୁ ସିଆଣିଆ
ବିରାଡ଼ି ବୈଷ୍ଣବ	ଅତି ଦୁଷ୍ଟ

ଉ :

'କ'	'ଖ'
ଅରଣ୍ୟ ରୋଦନ	ନିଷ୍ଫଳ ପ୍ରାର୍ଥନା
ଓଳିଆରୁ ଗଜା	ଜନ୍ମରୁ ସିଆଣିଆ
ଗୋବର ଗଣେଶ	ବୁଦ୍ଧିହୀନ
ଅହିନକୁଳ ସମ୍ପର୍କ	ଘୋର ଶତ୍ରୁତା
କାଠିକର ପାଠ	କଷ୍ଟସାଧ
ବଣ ବିଛୁଆତି	ଅତି ଦୁଷ୍ଟ
ବିରାଡ଼ି ବୈଷ୍ଣବ	ଠକ

Scanned with CamScanner

୩ । ନିମ୍ନଲିଖିତ ରୂଢ଼ି ଗୁଡ଼ିକର ଅର୍ଥ ଲେଖି ବାକ୍ୟରେ ବ୍ୟବହାର କର ।

ପ୍ରଶ୍ନ	ଉତ୍ତର
(i) ଅଠା ବୋଳିବା -	(ନିଜେ ଦୋଷ କରି ଅନ୍ୟ ଉପରେ ଦୋଷ ଲଦି ଦେବା)
	ନିଜେ ଦୋଷ କରି ଅନ୍ୟ ମୁଣ୍ଡରେ ଅଠା ବୋଳିବା ତୁମର ଅଭ୍ୟାସ ।
(ii) ଆଖି ବୁଜିବା -	(ମୃତ୍ୟୁ ଲାଭ କରିବା)
	ସଂସାରର ଦାୟିତ୍ୱ ସାରି ସେ ଆଖି ବୁଜିଲେ ।
(iii) ଉଷୁନା ଧାନ ଗଜା ହେବା -	(ଅସମ୍ଭବ ସମ୍ଭବ ହେବା)
	ଏ ରୋଗରୁ ଭଲ ହେବା ଅର୍ଥ ଉଷୁନା ଧାନ ଗଜା ହେବା ।
(iv) ବୋଝ ଉପରେ ନଳିତା ବିଡ଼ା -	(କଷ୍ଟ ଉପରେ କଷ୍ଟ)
	ମୁଁ ମୋ ପିଲା କଥା ବୁଝିବାକୁ ସମୟ ନାହିଁ । ତୁମେ ଆଣି ମୋ ପାଖରେ ତୁମ ପୁଅକୁ ଛାଡୁଛ । ଏହା ବୋଝ ଉପରେ ନଳିତା ବିଡ଼ା ପରି ନୁହେଁ ଆଉ କ'ଣ ?
(v) କପାଳ ଫାଟିବା -	(ସର୍ବନାଶ ହେବା)
	ଆଜି ତୋର କପାଳ ଫାଟିଲା ବୋଲି ଜାଣ ।
(vi) ଖଣ୍ଡାଧାରରେ ବାଟ ଚାଲିବା -	(ନ୍ୟାୟ ପଥରେ ବାଟ ଚାଲିବା)
	ସେ ଏମିତି ଲୋକ । ସବୁବେଳେ ଖଣ୍ଡାଧାରରେ ବାଟ ଚାଲନ୍ତି ।
(vii) ତିନି ପାଞ୍ଚିରୁ ଯିବା -	(ଯଶ ହରାଇବା)
	ପିଲାଟା ତିନି ପାଞ୍ଚିରୁ ଗଲାଣି ।
(viii) ତିଳକୁ ତାଳ କରିବା -	(ଛୋଟ କଥାକୁ ବଡ଼ କରିବା)
	ତିଳକୁ ତାଳ କରିବା ବନ୍ଧୁଙ୍କ ଅଭ୍ୟାସ ।
(ix) କଳା କନା ବୁଲେଇବା -	(ସର୍ବନାଶ କରିବା)
	କାଲି ରାତିରେ ଦାସବାବୁଙ୍କ ଘରେ ଚୋର ପଶି କଳାକନା ବୁଲେଇ ଦେଇଛି ।
(x) ଖିଅ କାଢ଼ିବା -	(କଥାକୁ ଘାଣ୍ଟି ଦୋଷ କାଢ଼ିବା)
	କଥାରୁ ଖାଲି ଖିଅ କାଢ଼ିବା ତାଙ୍କର ପ୍ରକୃତି ।
(xi) ଛାତି ପତେଇବା -	(ସାହସ କରିବା)
	ବିପଦକୁ ଛାତି ପତେଇବାକୁ ହେବ । ଡରିଲେ କ'ଣ ହେବ ?
(xii) ବରଡ଼ା ପତ୍ର ପରି ଥରିବା -	(ଭୟରେ ଛାନିଆ ହୋଇଯିବା)
	ଚୋର ପୁଲିସ୍‌କୁ ଦେଖି, ବରଡ଼ା ପତ୍ର ପରି ଥରିଲା ।

୪ । ନିମ୍ନ ଅର୍ଥ ପ୍ରକାଶ କରୁଥିବା ରୂଢ଼ିଗୁଡ଼ିକ ଲେଖ ।

ପ୍ରତିଶୋଧ ନେବା, ବୃଥା ଦୋଷ ଧରିବା, ବିଶ୍ୱାସୀ, ନିଷ୍ଫଳ ପ୍ରାର୍ଥନା, ଅନୁକୂଳ ବିଗିଡ଼ିବା

ଉ : ପ୍ରତିଶୋଧ ନେବା – ଦେଖି ନେବା

ବୃଥା ଦୋଷ ଧରିବା – ଛେନାରୁ ଚୋପା ଛଡ଼େଇବା

ବିଶ୍ୱାସୀ – ଦେହଲଗା

ନିଷ୍ଫଳ ପ୍ରାର୍ଥନା – ଅରଣ୍ୟ ରୋଦନ

ଅନୁକୂଳ ବିଗିଡ଼ିବା – ବିରାଡ଼ି ଛିଙ୍କିବା ।

Scanned with CamScanner